ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.34, Bhubaneswar Thursday, March 12, 2020 | ୨୩ତମ ବର୍ଷ ସଂଖ୍ୟା–୩୪ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୨, ୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ଅସୁରକ୍ଷିତ ଥିବାକୁ ନେଇ କଂଗ୍ରେସ ବିଧାୟକଙ୍କ ହଙ୍ଗାମା : ଗୃହ ଦୁଇଥର ମୁଲତବୀ

ଭୁବନେଶ୍ୱର, ୧୧।୩(ପି.ଏନ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ଅସୁରକ୍ଷିତ ଥିବାକୁ ନେଇ କଂଗ୍ରେସ ବିଧାୟକ ମାନଙ୍କର ହଙ୍ଗାମା କାରଣରୁ ଗୃହ ଦୁଇ ଥର ମୁଲତବୀ ରହିଥିଲା । ପ୍ରଥମେ ବାଚସ୍ପତି ଗୃହକୁ ୧୦.୪୨ରୁ ୧୨.୩୦ ଯାଏ ମୁଲତବୀ ରଖିଥିବା ବେଳେ ହଙ୍ଗାମା କାରଣରୁ ୧୨.୩୨ରୁ ଦିନ ତିନିଟା ଯାଏ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହି କାରଣରୁ ଗୃହରେ ଆଜି ପ୍ରଶ୍ନୋତର କାର୍ଯ୍ୟକ୍ରମ, ଶୂନ୍ୟକାଳ କିମ୍ବା ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇ ପାରି ନ ଥିଲା । ଦିବଙ୍ଗତ ବିଧାୟକ ମାନଙ୍କ ଉପରେ ଶୋକ ପ୍ରସ୍ତାବ ଆଲୋଚନା ହେବା ପରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକ ମାନେ ଶ୍ରୀଜଗନ୍ନାଥଙ୍କ ଟଙ୍କା ଖାଇଲା କିଏ ବୋଲି ସ୍ଲୋଗାନ ମାନ ଦେଇ ଗୃହର ମଧ୍ୟ ଭାଗକୁ ଚାଲି ଆସିଥିଲେ । ଏହା ଫଳରେ ବାଚସ୍ପତି ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ଦିନ ୧୨.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହା ପରେ ୧୨.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେଲା ମାତ୍ରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ, ତାରା ପ୍ରସାଦ ବାହିନୀପତି ଗୃହର ମଧ୍ୟ ଭାଗକୁ ଚାଲି ଆସି ହଙ୍ଗାମା ଜାରୀ ରଖିଥିଲେ । ଅନ୍ୟ ପକ୍ଷରେ ବିରୋଧୀ ଦଳର ନେତା ତାଙ୍କ ଆସନରେ ଠିଆ ହୋଇ କହିଥିବାର ଦେଖିବାକୁ ମିଳିଥିଲା । ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ ଶ୍ରୀଜଗନ୍ନାଥଙ୍କ ଟଙ୍କାର ସୁରକ୍ଷା ଏକ ସ୍ପର୍ଶ କାତର ବିଷୟ । ତାଙ୍କର ଟଙ୍କାକୁ ଚଲୁ କରିବାକୁ ପ୍ରୟାସ ହେଉଛି । ଏ ସମ୍ପର୍କରେ ଗୃହରେ ଆଲୋଚନା ହେବା କଥା । ଏ ନେଇ ଗୃହରେ ମୁଲତବୀ ପ୍ରସ୍ତାବ ଦିଆଯାଇଛି । କଂଗ୍ରେସର ସହଯୋଗରେ ଗୃହକୁ ଅଚଳ କରିବାକୁ ଉଦ୍ୟମ କରା ଯାଉଛି । ଏହି ସମୟରେ ବାଚସ୍ପତି କହିଥିଲେ ଯେ ଆଜି ଆଲୋଚନା ହେବାକୁ ଥିବା ମୁଲତବୀ ପ୍ରସ୍ତାବକୁ ବାତିଲ କରା ଯାଇ ନାହିଁ । ଏହା ଉପରେ ଆଲୋଚନା ଆସନ୍ତା କାଲି ହେବ । ତେବେ କଂଗ୍ରେସ ବିଧାୟକ ମାନେ ହଙ୍ଗାମା ଜାରୀ ରଖିଥିଲେ । ଫଳରେ ବାଚସ୍ପତି ଶ୍ରୀ ପାତ୍ର ଗୃହକୁ ୧୨.୩୨ରୁ ଅପରାହ୍ନ ୩ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ୟେସ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁରଙ୍କ ଇଡି ହାଜତ ୧୬ ମାର୍ଚ୍ଚ ଯାଏ ବଢ଼ିଲା

ମୁମ୍ବାଇ, ୧୧।୩(ପି.ଏନ): ମନି ଲଣ୍ଡରିଂ ଆକ୍ଟର ସ୍ୱତନ୍ତ୍ର କୋର୍ଟ ବୁଧବାର ଦିନ ୟେସ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କାପୁରଙ୍କ ଏନଫୋର୍ସମେଂଟ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ମାର୍ଚ୍ଚ ୧୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ବିଭିନ୍ନ କମ୍ପାନୀକୁ ୩୦,୦୦୦ କୋଟି ଟଙ୍କା ଋଣ ପ୍ରଦାନ କରିବା ନେଇ ଗତ ମାର୍ଚ୍ଚ ୭ ତାରିଖ ଦିନ ରାଣା କାପୁରଙ୍କୁ ଇଡି ଗିରଫ କରିଥିଲା । ଏହି ଘଟଣାର ତଦନ୍ତ ଚାଲିଛି । ମିଳିଥିବା ସୂଚନା ଅନୁସାରେ ରାଣା କପୁରଙ୍କ ହାଜତ ମିଆଦ ବୁଧବାର ଶେଷ ହୋଇଥିଲା । ଏହି କାରଣରୁ ବୁଧବାର ଇଡି ଅଧିକାରୀ ମାନେ ରାଣା କପୁରଙ୍କୁ କୋର୍ଟରେ ହାଜର କରିଥିଲେ । ଇଡି ପକ୍ଷରୁ କୋର୍ଟରେ କୁହା ଯାଇଥିଲା ଯେ ଯେ ରାଣା କପୁର ଏହି ଘଟଣାରେ ସହଯୋଗ କରୁନାହାଁନ୍ତି ।



ଲୋକସେବା ଭବନରେ ଉତ୍କଳ ଦିବସ ପ୍ରସ୍ତୁତି ବୈଠକରେ ଉନ୍ନୟନ କମିଶନର ସୁରେଶ ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ତଥା ଦକ୍ଷତା ବିକାଶ ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ସହ ବରିଷ୍ଠ ପଦାଧିକାରୀ

## ଇଟାଲୀରେ ଫସିଥିବା ୮୩ ଜଣଙ୍କୁ ଭାରତ ଅଣାଗଲା, ମାନସେର ଆର୍ମି କ୍ୟାମ୍ପରେ ରଖାଗଲା

ନୂଆଦିଲ୍ଲୀ, ୧୧।୩(ପି.ଏନ): ଇଟାଲୀରେ ଫସି ରହିଥିବା ୭୪ ଭାରତୀୟ ନାଗରିକ ଏବଂ ୯ ବିଦେଶୀ ନାଗରିକଙ୍କୁ ବୁଧବାର ଏୟାର ଇଣ୍ଡିଆର ସ୍ୱତନ୍ତ୍ର ବିମାନ ଯୋଗେ ଭାରତକୁ ଅଣାଯାଇଛି । ଭାରତ ଅଣାଯିବା ପରେ ସେମାନଙ୍କୁ ଏହି ସମସ୍ତ ଯାତ୍ରୀଙ୍କୁ ମାନସେର ଆର୍ମି କ୍ୟାମ୍ପକୁ ପଠାଯାଇଛି । ଏୟାର ଇଣ୍ଡିଆ ବିମାନ ସଂଖ୍ୟା ୧୩୮ ରୁ ଅଣାଯାଇଥିବା ଯାତ୍ରୀମାନଙ୍କ ମଧ୍ୟରେ ୧୬ ଜଣ ଶିଶୁ, ୪୦ ପୁରୁଷ, ୨୬ ମହିଳା ଏବଂ ଏକ ନବଜାତ ଶିଶୁ ଅଛନ୍ତିୟ ଏମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଉଛିୟ ଯଦି କରୋନା ଜୀବାଣୁଙ୍କର ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ ଲକ୍ଷଣ ଦେଖାଯାଏ, ସେମାନଙ୍କୁ ପୃଥକ ରଖିବା ପାଇଁ ବ୍ୟବସ୍ଥା କରାଯିବ କ୍ୟାମ୍ପରେ ରଖାଯାଇଥିବା ସମସ୍ତ ଯାତ୍ରୀଙ୍କୁ ନିୟମିତ ସ୍ୱାସ୍ଥ୍ୟ ଦିଆଯିବୟ ଏହି ସମସ୍ତ ନମୁନାକୁ ଏମ୍ସକୁ ପଠାଯିବ ।

## ଆଜିଠୁ ବିଧାନସଭାରେ ବିଭାଗୱାରି ବଜେଟ ଅନୁଦାନ ଆଲୋଚନା

ଭୁବନେଶ୍ୱର, ୧୧।୩(ପି.ଏନ): ବିଧାନସଭାର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୁଧବାର ଠାରୁ ଆରମ୍ଭ ହୋଇଥିବା ବେଳେ ଗୁରୁବାର ଦିନ ଠାରୁ ବିଭାଗୱାରି ବଜେଟ ଅନୁଦାନ ଉପରେ ହେବ ଆଲୋଚନା ଆରମ୍ଭ ହେବ । ସେହିପରି ମାର୍ଚ୍ଚ ୩୧ରେ ୨୦୨୦-୨୧ ବର୍ଷ ପାଇଁ ବିନିଯୋଗ ବିଲ୍ ଉପସ୍ଥାପିତ ହେବ । ଗୁରୁବାର ଖର୍ଚ୍ଚ ଦାବି ଆଲୋଚନାର ପ୍ରଥମ ଦିନରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ଉପସ୍ଥାପିତ ହେବ । ବିଭାଗୀୟ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା ନିଜ ବିଭାଗ ପାଇଁ ୩୧ ମାର୍ଚ୍ଚ ୨୦୨୧ ସୁଦ୍ଧା ଆବଶ୍ୟକ ପଡୁଥିବା ଖର୍ଚ୍ଚ ଦାବି ଅନୁଦାନ ମଂଜୁର ପାଇଁ ଉପସ୍ଥାପିତ କରିବେ । ଏହାର ପରିମାଣ ରହିଛି ୩୮୦୮,୩୫,୮୫,୦୦୦ ଟଙ୍କା । ମାର୍ଚ୍ଚ ୧୪ , ୧୫, ୨୨, ୨୮ ଓ ୨୯ ଏବଂ ଏପ୍ରିଲ ୧,୨ ଓ ୫ତାରିଖ ଦ୍ୱିତୀୟ ଓ ଚତୁର୍ଥ ଶନିବାର, ରବିବାର , ଉତ୍କଳ ଦିବସ ଓ ରାମ ନବମୀ ପାଇଁ ଛୁଟି ରହିବ ବୋଲି ବିଜ୍ଞପ୍ତିରୁ ଜଣାଯାଇଛି ।

## ବିଜେଡି ପ୍ରାର୍ଥୀଙ୍କ ସମ୍ପତି ତାଲିକା : ସୁଜିତ୍ ସବୁଠାରୁ ଧନୀ

ଭୁବନେଶ୍ୱର, ୧୧।୩(ପି.ଏନ): ଚଳିତ ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡିର ୪ଜଣ ରାଜ୍ୟସଭା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଅନ୍ୟ କୌଣସି ଦଳ ନିଜର ପ୍ରାର୍ଥୀ ଦେଉନଥିବାରୁ ବିଜେଡିର ୪ଜଣ ରାଜ୍ୟସଭା ପ୍ରାର୍ଥୀଙ୍କ ବିଜୟ ଏକପ୍ରକାର ସୁନିଶ୍ଚିତ ହୋଇଛି । ତେବେ ୧୬ତାରିଖରେ ଯାଂଚ ଓ ୧୮ ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ବିଜେଡିର ଏହି ୪ଜଣ ପ୍ରାର୍ଥୀଙ୍କ ମଧ୍ୟରେ ସୁଜିତ୍ କୁମାର ସବୁଠୁ ଧନୀ ଓ ଉଚ୍ଚଶିକ୍ଷିତ ଥିବାବେଳେ ମମତା ମହାନ୍ତଙ୍କ ପାଖରେ ମାତ୍ର ୫୬ହଜାର ୨୮ଟଙ୍କା ଓ ମୁନ୍ନା ଖାଁଙ୍କ ଶିକ୍ଷାଗତ ଯୋଗ୍ୟତା ଆନ୍ଧ୍ର ମାଟ୍ରିକ ବୋଲି ଜଣାପଡ଼ିଛି । ବୁଧବାର ପ୍ରତ୍ୟେକ ପ୍ରାର୍ଥୀ ଦୁଇ ସେଟ୍ ଲେଖାଏ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବିଜେଡିର ପ୍ରାର୍ଥୀମାନେ ଦାଖଲ କରିଥିବା ସତ୍ୟପାଠରେ ନିଜର ସମ୍ପତି, ଶିକ୍ଷାଗତ ଯୋଗ୍ୟତା ଓ ଅପରାଧିକ ବିବରଣୀ ଉଲ୍ଲେଖ କରିଛନ୍ତି । କେବଳ ସୁବାସ ସିଂଙ୍କୁ ଛାଡ଼ିଦେଲେ ବିଜେଡିର ଅନ୍ୟ ପ୍ରାର୍ଥୀଙ୍କ ନାଁରେ କୌଣସି ଅପରାଧିକ ମାମଲା ନାହିଁ । ସୁବାସଙ୍କ ନାଁରେ ୧୧ଟି ମାମଲା ରହିଛି । ସୁଜିତ୍ କୁମାରଙ୍କ ମୋଟ ସମ୍ପତିର ପରିମାଣ ପ୍ରାୟ ୩.୫୬ କୋଟି ଟଙ୍କା ହୋଇଥିବାବେଳେ ସେ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ପବ୍ଲିକ ଆଡମିନିଷ୍ଟ୍ରେସନରେ ମାଷ୍ଟରଡ଼ିଗ୍ରୀ ହାସଲ କରିଛନ୍ତି । ସୁଜିତଙ୍କ ନାଁରେ ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତି ପରିମାଣ ୧.୮୮ କୋଟି ଟଙ୍କା ଥିବାବେଳେ ତାଙ୍କ ପତ୍ନୀ ସ୍ୱାତି କୁମାରୀଙ୍କ ନାଁରେ ୧.୦୧ କୋଟି ଟଙ୍କାର ସମ୍ପତି ରହିଛି । ସୁଜିତଙ୍କ ପାଖରେ ୧୫.୧୭ କୋଟି ଟଙ୍କାର ବ୍ୟାଙ୍କ ବାଲାନ୍ସ ଥିବାବେଳେ ସେ ୭ଟି କମ୍ପାନୀରେ ୫୨.୦୮ଲକ୍ଷ ଟଙ୍କାର ପୁଞ୍ଜିନିବେଶ କରିଛନ୍ତି । ସୁଜିତଙ୍କ ପତ୍ନୀଙ୍କ ପାଖରେ ୫୨୦ଗ୍ରାମ ସୁନା, ୧କିଲୋ ରୂପା, ଦେଢ ଲକ୍ଷ ଟଙ୍କା ମୂଲ୍ୟର ୧୨୦ ଗ୍ରାମର ରତ୍ନପଥର ରହିଛି । ଏସବୁ ବ୍ୟତୀତ ସୁଜିତଙ୍କ ନାଁରେ ୭୯.୯୪ଲକ୍ଷ ଟଙ୍କାର ଋଣ ରହିଛି । ସୁଜିତ ବିଦେଶରୁ ଚାକିରି ଛାଡ଼ି ୨୦୧୩ ମସିହାରେ ବିଜେଡିର ନିର୍ବାଚନୀ ରଣନୀତିକାର ଭାବେ ଦଳରେ ସାମିଲ ହୋଇଥିଲେ । କଳାହାଣ୍ଡିରେ ଜନ୍ମିତ ୪୪ବର୍ଷୀୟ ସୁଜିତ୍ ଏବେ ଭୁବନେଶ୍ୱରସ୍ଥିତ ପଟିଆର ସ୍ଥାୟୀ ବାସିନ୍ଦା । ସେହିପରି ମୟୂରଭଞ୍ଜ ଜିଲ୍ଲା ବିଶୋୟୀ ବ୍ଲକର ୪୪ବର୍ଷୀୟା ମମତା ମହାନ୍ତଙ୍କୁ ବିଜେଡି ଚଳିତଥର ରାଜ୍ୟସଭାରେ ପ୍ରାର୍ଥୀ କରିଛି । ମମତାଙ୍କ ନିଜ ନାଁରେ ମାତ୍ର ୫୬ହଜାର ୩୮ଟଙ୍କା ଥିବାବେଳେ ତାଙ୍କ ପତି ବିଜୟ କୁମାର ମହାନ୍ତଙ୍କ ନାଁରେ ସ୍ଥାବର ଓ ଅସ୍ଥାବର ସମ୍ପତି ମିଶି ୩୮.୧୮ଲକ୍ଷ ଟଙ୍କା ରହିଛି । ତାଙ୍କ ପତି ବିଜୟଙ୍କ ନାଁରେ ୪.୮୭ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ମଧ୍ୟ ଅଛି । ମମତାଙ୍କ ପାଖରେ ୧୫୦ଗ୍ରାମ ସୁନା, ୩୦୦ଗ୍ରାମ ରୂପା ଥିବାବେଳେ ତାଙ୍କ ପତିଙ୍କ ପାଖରେ ୧୦୦ଗ୍ରାମ ସୁନା ଅଛି । ବିଜେଡିର ସମସ୍ତ ୪ଜଣ ପ୍ରାର୍ଥୀଙ୍କ ମଧ୍ୟରେ ମମତା ସବୁଠୁ ଗରିବ ପ୍ରାର୍ଥୀ ଓ ତାଙ୍କର ଶିକ୍ଷାଗତ ଗ୍ରାଜୁଏସନ୍ ବୋଲି ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି । ମମତା ୨୦୧୨ ମସିହା ପଂଚାୟତ ନିର୍ବାଚନବେଳେ ବିଜେଡିରେ ସାମିଲ ହୋଇଥିଲେ ।ଅନ୍ୟପକ୍ଷରେ ସେହିପରି ବିଜେଡିର ପୁରୁଣା ନେତା ମୁନ୍ନା ଖାଁଙ୍କ ମୋଟ ସ୍ଥାବର ଓ ଅସ୍ଥାବର ସମ୍ପତି ପରିମାଣ ପ୍ରାୟ ୨କୋଟି ୬୦ ଲକ୍ଷ ଟଙ୍କା । ଏଥିରେ ମୁନ୍ନାଙ୍କ ପତ୍ନୀଙ୍କ ନାଁରେ ୧.୧୫କୋଟି ଟଙ୍କା ଥିବାବେଳେ ତାଙ୍କ ନାଁରେ ୧.୪୫କୋଟି ଟଙ୍କା ଅଛି । ମୁନ୍ନାଙ୍କ ପାଖରେ ୫୦୦ଗ୍ରାମ ସୁନା ଓ ପତ୍ନୀଙ୍କ ପାଖରେ ୮୦୦ ଗ୍ରାମ ସୁନା ଥିବାବେଳେ ଏକ ହୋଣ୍ଡା ସିଟି କାର ମଧ୍ୟ ଅଛି । ମୁନ୍ନାଙ୍କ ପତ୍ନୀ ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତିୟ ୫୭ବର୍ଷୀୟ ମୁନ୍ନା ୧୯୮୩ ମସିହାରେ ଆନ୍ଧ୍ର ମାଟ୍ରିକ ପାସ୍ କରିଛନ୍ତି ବୋଲି ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି । ସେହିପରି ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରେ ସାମିଲ ହୋଇଥିବା ଟ୍ରେଡ ୟୁନିଅନ୍ ନେତା ସୁବାସ ସିଂଙ୍କର ମୋଟ ସ୍ଥାବର ଓ ଅସ୍ଥାବର ସମ୍ପତି ପରିମାଣ ପ୍ରାୟ ୨.୧୨କୋଟି ଟଙ୍କା । ଏଥିରେ ତାଙ୍କର ହୋମିଓପ୍ୟାଥି ଡାକ୍ତର ପତ୍ନୀଙ୍କ ନାଁରେ ୧.୨୯କୋଟି ଟଙ୍କାର ସମ୍ପତି ରହିଛି । ୬୦ବର୍ଷୀୟ ସୁବାସ ରାଜନୀତି ବିଜ୍ଞାନରେ ଏମଏ ଓ ଆଇନରେ ମଧ୍ୟ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ସୁବାସଙ୍କ ନାଁରେ ୧୧ଟି ଅପରାଧିକ ମାମଲା ଥିବାବେଳେ ତାଙ୍କ ପତ୍ନୀଙ୍କ ନାଁରେ ଗୋଟିଏ ସ୍କୁଟି ଓ ମାରୁତି ବ୍ରିଜା ନାମକ ୪ଚକିଆ କାର ମଧ୍ୟ ରହିଛି । ଏହାସହିତ ପତ୍ନୀଙ୍କ ପାଖରେ ୨୯୦ ଗ୍ରାମର ସୁନା ବି ଅଛି । ସୁବାସଙ୍କ ପତ୍ନୀଙ୍କ ନାଁରେ ୧୨.୨୬ ଲକ୍ଷ ଟଙ୍କାର ଋଣ ମଧ୍ୟ ଅଛି ।ଉଲ୍ଲେଖଯୋଗ୍ୟ ବୁଧବାର ବିଧାନସଭା ପରିସରରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିର ୪ଜଣ ପ୍ରାର୍ଥୀ ସୁବାସ ସିଂ, ମୁନ୍ନା ଖାଁ, ସୁଜିତ୍ କୁମାର ଓ ମମତା ମହାନ୍ତ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।

## ଆଜିଠୁ ୧୪ ଯାଏଁ କୁଆପଥର ମାଡ ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୧।୩(ପି.ଏନ): ଉତ୍ତର ଛତିଶଗଡ, ପୂର୍ବ ରାଜସ୍ଥାନ ଓ ମଧ୍ୟପ୍ରଦେଶ ରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣି ବଳୟ ପ୍ରଭାବରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ବର୍ଷା ସହ ବଜ୍ରପାତ ଏବଂ ସ୍ଥାନେ ସ୍ଥାନେ କୁଆପଥର ବର୍ଷା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରୀ କରାଯାଇଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ବୁଧବାର କୁଆପଥର ବୃଷ୍ଟି ନେଇ ୫ ଟି ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରୀ କରାଯାଇଛି । ଏହି ଜିଲ୍ଲା ଗୁଡିକ ହେଲା କେନ୍ଦୁଝର, ମୟୁରଭଂଜ, ସୁନ୍ଦରଗଡ , ଅନୁଗୁଳ ଓ ବାଲେଶ୍ୱର । ସେହିପରି ବର୍ଷା ସହିତ ବଜ୍ରପାତ ଆଶଙ୍କା ରହିଥିବାରୁ ଉତର ଓ ଆଭ୍ୟନ୍ତରୀଣ ଓଡିଶାର କିଛି ଜିଲ୍ଲାକୁ ୟେଲୋ ୱାର୍ଣ୍ଣି ଜାରୀ କରାଯାଇଛି । ଏହି ଜିଲ୍ଲା ଗୁଡିକ ହେଲା ବଲାଙ୍ଗୀର,ସୋନପୁର , କଟକ , ଯାଜପୁର, ବାଲେଶ୍ୱର , ଭଦ୍ରକ , କନ୍ଧମାଳ ଓ ବୌଦ୍ଧ । ଏହି ଜିଲ୍ଲାଗୁଡିକରେ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବାର ମଧ୍ୟ ସମ୍ଭାବନା ରହିଛି । ସେହିପରି ଆସନ୍ତାକାଲି (ଗୁରୁବାର) ବିଭିନ୍ନ ଜିଲ୍ଲାରେ ଘଡଘଡି ବର୍ଷା ସହ ଘଂଟା ପ୍ରତି ୪୫ରୁ ୫୫ କିମି ବେଗରେ ପବନ ବହିବାର ସମ୍ଭାବନା ରହିଥିବାରୁ ଅରେଂଜ ୱାର୍ଣ୍ଣିଂ ଜାରୀ କରାଯାଇଛି । ଏହି ଜିଲ୍ଲା ଗୁଡିକ ହେଲା କେନ୍ଦୁଝର , ମୟୁରଭଂଜ, ଯାଜପୁର , ଭଦ୍ରକ , ବାଲେଶ୍ୱର , କେନ୍ଦ୍ରାପଡା , କଟକ, ନୟାଗଡ, ଖୋର୍ଦ୍ଧା ଏବଂ କନ୍ଧମାଳ । ଏହାବ୍ୟତୀତ ପ୍ରବଳ ବର୍ଷା ସମ୍ଭାବନା ଥିବା କେନ୍ଦୁଝର , ମୟୁରଭଂଜ,କନ୍ଧମାଳ , ଢେଙ୍କାନାଳ ଓ କଟକ ଜିଲ୍ଲାକୁ ଏବଂ ବଜ୍ରପାତ ଆଶଙ୍କା ରହିଥିବା ବଲାଙ୍ଗୀର , ସୋନପୁର , ବୌଦ୍ଧ, ସୁନ୍ଦରଗଡ, ଝାରସୁଗୁଡା , ଖୋର୍ଦ୍ଧା , ପୁରୀ ଏବଂ ଜଗତସିଂହପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରୀ କରାଯାଇଛି । ୧୩ ତାରିଖରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାରେ କୁଆପଥର ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । କଳାହାଣ୍ଡି , କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ସମ୍ବଲପୁର ଓ ବରଗଡ ଜିଲ୍ଲାରେ କୁଆପଥର ବର୍ଷା ସହ ୪୫ ରୁ ୫୫ କିମି ବେଗରେ ପବନ ବୋହିପାରେ । ଏହାବ୍ୟତୀତ ସୁନ୍ଦରଗଡ, ଦେବଗଡ, ଝାରସୁଗୁଡା , ଅନୁଗୁଳ, କେନ୍ଦୁଝର, କଟକ ଓ ନୟାଗଡ ଆଦି ଜିଲ୍ଲାରେ ମଧ୍ୟ ବର୍ଷା ସମ୍ଭାବନା ରହିଥିବାରୁ ସତର୍କ ରହିବାକୁ କୁହାଯାଇଛି । ୧୪ ତାରିଖରେ ମଧ୍ୟ ସୁନ୍ଦରଗଡ, କେନ୍ଦୁଝର , ମୟୁରଭଂଜ, ବାଲେଶ୍ୱର , ଅନୁଗୁଳ , ଢେଙ୍କାନାଳ , କନ୍ଧମାଳ , ସୋନପୁର ଓ ବୌଦ୍ଧ ଜିଲ୍ଲାରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରୀ କରିଛି ପାଣିପାଗ ବିଭାଗ । ୧୫ ତାରିଖ ବେଳକୁ ପାଗ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## କରୋନା ଆତଙ୍କ, ଇଟାଲୀରେ ମୃତ୍ୟୁ ସଂଖ୍ୟା ୬୩୧ ଛୁଇଁଲା

ରୋମ, ୧୧।୩(ପି.ଏନ): ଇଟାଲୀରେ ଘାତକ କରୋନା ଭୂତାଣୁରେ ମୃତକଙ୍କ ସଂଖ୍ୟା ବୃଦ୍ଧି ଘଟି ୬୩୧ରେ ପହଂଚିଛି । ଏହା ସହିତ ସଂକ୍ରମିତଙ୍କ ସଂଖ୍ୟା ୮,୫୧୪ରେ ପହଂଚିଛି ।ସିଭିଲ୍ ପ୍ରୋଟେକ୍ସ ଡିପାର୍ଟମେଂଟର ମୁଖ୍ୟ ଏଞ୍ଜେଲୋ ବୋରେଲୀ କହିଛନ୍ତି ଯେ, ମୋଟ୍ ସଂକ୍ରମିତଙ୍କ ମଧ୍ୟରୁ ୧୦୦୪ ରୋଗୀ ସୁସ୍ଥ ହେଲେଣି । ମୃତକଙ୍କ ମଧ୍ୟରେ କିଛି ଲୋକଙ୍କ ବୟସ ୫୦ ରୁ ୫୯ ରହିଛି । ୮ ପ୍ରତିଶତ ମୃତକଙ୍କ ଆୟୁ ୬୦ ବର୍ଷ ରହିଛି, ୩୨ ପ୍ରତିଶତଙ୍କ ଆୟୁ ୭୦ ରୁ ୭୯ ପ୍ରତିଶତ, ୪୫ ପ୍ରତିଶତ ମୃତକଙ୍କ ବୟସ ୮୦ ରୁ ୮୯ ରହିଥିବା ବେଳେ ୧୪ ପ୍ରତିଶତଙ୍କ ବୟସ ୯୦ରୁ ଅଧିକ ରହିଛି । ମୋଟ୍ ସଂକ୍ରମିତଙ୍କ ମଧ୍ୟରେ ୫,୦୩୮ ଲୋକଙ୍କ ରକ୍ତ ନମୂନା ପଜିଟିଭ୍ ମିଳିଛି ।

## ସର୍ବନିମ୍ନ ଜମାରାଶି ଉପରେ ଷ୍ଟେଟ ବ୍ୟାଙ୍କ ସଂଗ୍ରହ କରିଥିବା ଫାଇନ୍ ଫେରାଇବାକୁ ଅର୍ଥମନ୍ତ୍ରୀଙ୍କ ପାଖରେ ଦାବୀ: ସମାଜବାଦୀ ପାର୍ଟି

ଭୁବନେଶ୍ୱର, ୧୧।୩(ପି.ଏନ): ଆଜି ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସର୍ବନମ୍ନ ଜମାରାଶି ପାଇଁ ଥିବା ସୀମାରାଶି କଟକଣା ଉଠାଇ ଦିଆଯାଇଛି । ଏହା ଫଳରେ ଷ୍ଟେଟବ୍ୟାଙ୍କର ୪୪ କୋଟି ୫୧ ଲକ୍ଷ ଗ୍ରାହକ ଉପକୃତ ହେବେ ବୋଲି ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି । ଏଠାରେ ଉଲ୍ଲେଖଥାଉକି ପୂର୍ବରୁ ଷ୍ଟେଟବ୍ୟାଙ୍କ ପକ୍ଷରୁ ମେଟ୍ରୋ ସହର ପାଇଁ ସର୍ବନିମ୍ନ ଜମାରାଶି ୩୦୦୦ ଟଙ୍କା, ଛୋଟ ସହର ପାଇଁ ୨୦୦୦ ଟଙ୍କା ଓ ଗ୍ରାମାଞ୍ଚଳ ପାଇଁ ସର୍ବନିମ୍ନ ଜମାରାଶି ୧୦୦୦ ଟଙ୍କା ବାଧ୍ୟତାମୂଳକ ଥିଲା । ଯେଉଁମାନେ ଏହି ସର୍ବନିମ୍ନ ଜମାରାଶି ରଖିପାରୁନଥିଲେ ସେମାନଙ୍କ ଠାରୁ ଫାଇନ୍ ଆକାରରେ ପିଟୁଣି ଟିକସ ଆଦାୟ କରାଯାଇଥିଲା । ଏହି ଫାଇନ୍ ଅକାରରେ ବ୍ୟାଙ୍କ ବିଗତ ବର୍ଷମାନଙ୍କରେ ୧୯୭୨ (ଉଣେଇଶ ବାସ୍ତରୀ) କୋଟି ଟଙ୍କା ଆଦାୟ ହୋଇଥିଲା । ଆଜି ଯେତେବେଳେ ସର୍ବନିମ୍ନ ଜମା ରାଶି ବାଧ୍ୟତାମୂଳକ ନୁହେଁ ବୋଲି ଷ୍ଟେଟବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି ସେତେବେଳେ ବ୍ୟାଙ୍କ ତାର ଗ୍ରାହକମାନଙ୍କ ଠାରୁ ପିଟୁଣି ଟିକସ ବାବଦକୁ ଆଦାୟ କରିଥିବା ୧୯୭୨ କୋଟି ଟଙ୍କା ଗ୍ରାହକଙ୍କୁ ଫେରାଇବାକୁ ସମାଜବାଦୀ ପାର୍ଟି ଦାବି କରିଛି । 'ପାର୍ଟି'ର ରାଜ୍ୟ ସଭାପତି ରବି ବେହେରା ଆଜି ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କୁ ଏକ ପତ୍ର ଲେଖି ତାଙ୍କ ହସ୍ତକ୍ଷେପ ଦାବି କରିଛନ୍ତି ।

## ବେଆଇନ ବିସ୍ଫୋରକ ସାମଗ୍ରୀ ଚାଲାଣ ମାମଲାରେ ଆଉ ୨ ଗିରଫ

ଜୟପୁର , ୧୧।୩(ପି.ଏନ): ବେଆଇନ ବିସ୍ଫୋରକ ସାମଗ୍ରୀ ଚାଲାଣ ମାମଲାରେ ଜୟପୁର ଟାଉନ ପୋଲିସ ପୁଣି ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ତେଲେଙ୍ଗାନାର ମହେଶ୍ୱର ରେଡ୍ଡି ଓ ତାଙ୍କ ସହଯୋଗୀ ରାଙ୍ଗା ରେଡ୍ଡି । ଏନେଇ ଜୟପୁର ଟାଉନ ଥାନା ପରିସରରେ ଏସଡିପିଓ ଧୀରେନ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ଯେ ଗିରଫ ଅଭିଯୁକ୍ତ ମାନେ ଦୀର୍ଘ ବର୍ଷ ଧରି ଏପରି ବେନିୟମ ଭାବେ ବିସ୍ଫୋରକ ଚାଲାଣ କରୁଥିଲେ । ଏମିତିକି ଏକ ନକଲି କମ୍ପାନି ନାଁରେ ନକଲି କାଗଜ ପତ୍ର ତିଆରି କରି ମାଲକାନଗିରି ଭଳି ମାଓ ପ୍ରବଣ ଜିଲାରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀର କାୟା ବିସ୍ତାର କରିଥିଲେ । ଏମାନେ ୧ ବର୍ଷ ମଧ୍ୟରେ ୧୧ଟିକ୍ରସରକୁ ୭୦ ଟ୍ରକରୁ ଅଧିକ ଯେଉଁଥିରେ କି ୪ ଶହ ଟନ ରୁ ଅଧିକ ବିସ୍ଫୋରକ ସାମଗ୍ରୀ ବେଆଇନ ଭାବେ ନକଲି ଲାଇସେନ୍ସରେ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି । ଏହି ମାମଲାରେ ଗତ ଗତ ୪ ତାରିଖରେ ୩ ଜଣ ଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ ମାନେ ହେଲେ ତେଲଙ୍ଗାନାର ଡ୍ରାଇଭର ଜି ଶିବ କୁମାର (୩୦) ହେଲପର ଭି ସୁଦାକର (୩୫) ଓ ଜାଲ କାଗଜପତ୍ର ରେ ବିସ୍ଫୋରକ ନେଉଥିବା ମାଲକାନଗିରି ଜିଲା ମୋଟୁ ଅଂଚଳର ବିଶ୍ୱ ନାଥ ରେଡ୍ଡି (୪୬) । ଗତ ୨ ତାରିଖରେ ହାଇଦ୍ରାବାଦ ଠାରୁ ମାଲକାନଗିରି ଜିଲାର କୋରକୁଣ୍ଡାର କେ କ୍ରସରକୁ ବେଆଇନ ଭାବେ ବିସ୍ଫୋରକ ଚାଲାଣ ହେଉଥିଲା । ବିଶେଶଷ ସୁତ୍ରରୁ ଜୟପୁର ସଦର ପୋଲିସ ଓ ଟାଉନ ପୋଲିସ ଖବର ପାଇ ଗାନ୍ଧୀ ଛକ ନିକଟରେ ଜଗିଥିବା ବେଳେ ପୋଲିସ କୁ ଦେଖି ପୁରଣାଗଡ ପଟେ ବିସ୍ଫୋରକ ବୋଝେଇ କେ ନର ଗାଡିକୁ ଜୋରରେ ନେଉଥିବା ବେଳେ ପୋଲିସ ଗୋଡ଼ି ଗୋଡାଇ ଧରିବା ରେ ସଫଳ ହୋଇଥିଲା । ଗାଡିରେ ୨ ଶହ ପ୍ୟାକେଟ ୫ ଟନ ବୁଷ୍ଟର ଜିଲେଟିନ ଚାଲାଣ ହେଉଥିଲା । ଚାଲାଣ ହେଉଥିବା ସମୟରେ ଗାଡିରେ ଫାଇର ସେଫ୍ଟି ନଥିଲା । ସବୁ ଠାରୁ ବଡ କଥା ହେଲା ଜିଏସଟି ଫାଙ୍କିବା ପାଇ ସୀମାଂଚଳ ସାବତ ନାମକ ବ୍ୟକ୍ତିଙ୍କ ନାମରେ ବେଆଇନ କାଗଜ ପତ୍ରରେ ଚାଲାଣ କରୁଥିଲେ ବିଶ୍ୱନାଥ ରେଡ୍ଡି । ଏହି ଘଟଣା ବହୁ ବ୍ୟକ୍ତି ଙ୍କ ସମ୍ପୃକ୍ତି ରହିଥିବା ବେଳେ ତାହାରର ତଦନ୍ତ ଜାରି ରହିଛି । ପୋଲିସ ବିସ୍ଫୋରକ ମଜୁତ କଂଟେନର ଟିଏସ ୦୮ ୟୁଏ ୧୨୫୧ ଜବତ କରିଛି । ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଅଧିକାରି ବାଲେଶ୍ୱର ଗିଧି ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରାର୍ଥୀପତ୍ର ଦାଖଲ କଲେ ବିଜେଡିର ୪ ରାଜ୍ୟସଭା ପ୍ରାର୍ଥୀ

ଭୁବନେଶ୍ୱର, ୧୧।୩(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିର ଚାରି ଜଣ ରାଜ୍ୟ ସଭା ପ୍ରାର୍ଥୀ ରାଜ୍ୟ ସଭା ନିର୍ବାଚନ ପାଇଁ ରିଟର୍ନିଂ ଅଫିସର ଦାଶରଥୀ ଶତପଥୀଙ୍କ ନିକଟରେ ସେମାନଙ୍କର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ଆଜି ବିଜେଡି ପ୍ରାର୍ଥୀ ସୁବାସ ସିଂହ, ମୁନ୍ନା ଖାନ, ସୁଜିତ କୁମାର ଏବଂ ମମତା ମହାନ୍ତ ସେମାନଙ୍କର ପ୍ରାର୍ଥୀ ପତ୍ର ଦଖଲ କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାରରେ ମନ୍ତ୍ରୀ ଓ ବିଧାୟକ ମାନେ ଉପସ୍ଥିତ ଥିଲେ । ପ୍ରାର୍ଥୀ ସୁବାସ ସିଂହ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ପ୍ରସ୍ତାବକ ଥିଲେ ଓ ସେ ଦୁଇଟି ସେଟ ଦାଖଲ କରିଛନ୍ତି ।











# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ ପାଇଁ ବୈଠକ

ବୌଦ୍ଧ: ରାଜ୍ୟ ସରକାର ବୌଦ୍ଧର ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନତି ପାଇଁ ଏକ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିବାପରେ ଏହି ପାଣ୍ଠିର ସଠିକ୍ ବିନିଯୋଗ କରାଯାଇ ମନ୍ଦିର ପାରିପାର୍ଶ୍ୱିକ ବିକାଶ କରିବାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଗୁରୁତ୍ୱ ଦେବା ସହିତ ଜିଲାର ଶୁଭେଚ୍ଛୁ, ବୁଦ୍ଧିଜିବୀ, ମନ୍ଦିର ସେବା ପୂଜା ସହିତ ଜଡିତ ବ୍ୟକ୍ତିବିଶେଷ, ବ୍ରାହ୍ମଣ ସମାଜ ଆଦି ପ୍ରମୁଖ ସଂଗଠନ ସାମିଲ ହୋଇ ଏଥିରେ ସହଯୋଗର ହାତ ବଢାଇବାକୁ ଆହ୍ୱାନ ଜଣାଇଛନ୍ତି। ଏନେଇ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ଅଧକ୍ଷତାରେ ଟାଉନହଲ ଠାରେ ଆୟୋଜନ କରାଯାଇ ସ୍ଥାନୀୟ ବୁଦ୍ଧିଜିବୀମାନଙ୍କୁ ମନ୍ଦିରର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ଦେବାକୁ ଅନୁରୋଧ କରାଯାଇଥିଲା। ବୈଠକରେ ରାଜାଙ୍କ ଦ୍ୱାରା ନିର୍ମିତ ମୂଳ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକୁ ଗୁରୁତ୍ୱ ଦେବା ସହିତ ମନ୍ଦିର ନିକଟରୁ ଜବରଦଖଲ ଉଚ୍ଛେଦ, ମନ୍ଦିର ବେଢାରେ ରହିଥିବା ମନ୍ଦିର ଗୁଡିକର ଉନ୍ନତିକରଣ, ତୁଳସୀବଣ, ମନୋରମ ପାର୍କ, ଭକ୍ତନିବାସ, ଧର୍ମଶାଳା ନିର୍ମାଣ, ରଥଖଳା ନିର୍ମାଣ, ମନ୍ଦିରର ଚାରି ଦ୍ୱାର ଖୋଲାଯିବା, ଠାକୁରଙ୍କ ରୋଷଶାଳ ନିର୍ମାଣ ଓ ମନ୍ଦିର ନିକଟରେ ରହିଥିବା ଗଡଖାଇକୁ ପୋତି ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ତେବେ ମନ୍ଦିରର ଉନ୍ନୟନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଦେବତୋର ବିଭାଗ ଆଇନ ଅନୁଯାୟୀ, ମନ୍ଦିର ପାଇଁ ଏକ ସ୍ଥାୟୀ ପରିଚାଳନା କମିଟି ଗଠନ କରିବା ଓ ଉକ୍ତ କମିଟିରେ ସହରର ବିଭିନ୍ନ ଲୋକଙ୍କୁ ସାମିଲ କରାଯିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ମନ୍ଦିର ବିକାଶ ପାଇଁ ଏକ କୋଟି ଟଙ୍କା ସରକାର ପ୍ରଦାନ କରିଥିବାବେଳେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜଣେ ଦକ୍ଷ ଆର୍କିଟେକଚରଙ୍କ ସହାୟତାରେ ଯୋଜନା କରିବାକୁ ଏବଂ ଆବଶ୍ୟକୀୟ ଖର୍ଚ୍ଚ ଭରଣା ପାଇଁ ସ୍ଥାନୀୟ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ଠାରୁ ଅର୍ଥ ସଂଗ୍ରହ କରାଯିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା। ତେଣୁ ମନ୍ଦିର ବିକାଶ କାର୍ଯ୍ୟ ସମୟରେ ଏସବୁ ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଥିଲା। ତେବେ ସହରର ଯେକୌଣସି ବ୍ୟକ୍ତିବିଶେଷଙ୍କ ଯଦି ମନ୍ଦିରର ବିକାଶ ପାଇଁ କୌଣସି ପ୍ରସ୍ତାବ ରହିଥାଏ, ତେବେ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଲେ ସେ ସର୍ମ୍ପକରେ ଅନୁଧ୍ୟାନ କରି ନିଷ୍ପତି ଗ୍ରହଣ କରାଯିବ ବୋଲି ଜିଲାପାଳ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଏହି ବୈଠକରେ ଦେବତୋର ଅଧିକାରୀ ତଥା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଏସପି ଭି.ରଘୁନାଥ ରାଓ, ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ଓ ମନ୍ଦିର କମିଟି ପକ୍ଷରୁ ବରିଷ୍ଠ ଆଇନଜିବୀ ଅଚ୍ୟୁତାନନ୍ଦ ମିଶ୍ର ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ମଂଚାସୀନ ଥିଲେ।

## ବୌଦ୍ଧରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନା ସଚେତନତା ଉତ୍ସବ

ବୌଦ୍ଧ: ଭାରତ ସରକାରଙ୍କ ଫାର୍ମାସ୍ୟୁଟିକାଲ ବିଭାଗ ପକ୍ଷରୁ ବୌଦ୍ଧ ଜିଲ୍ଲାରେ ଜନ ଔଷଧି କେନ୍ଦ୍ର ଖୋଲଯାଇଛି। ଏହି କେନ୍ଦ୍ରରେ ବଜାରରେ ବିକ୍ରୀ ହେଉଥିବା ଔଷଧର ମୂଲ୍ୟ ଠାରୁ ୫୦ ରୁ ୯୦ ପ୍ରତିଶତ କମ୍ ମୂଲ୍ୟରେ ବିକ୍ରୀ ହେଉଅଛି। ଏହି ଯୋଜନାର ସଫଳତାକୁ ଏକ ଉତ୍ସବ ରୂପେ ନେଇ ଆଜି ଅଗ୍ରୱାଲା ଭବନ ପରିସରରେ ଏକ ସଚେତନତା ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲକ୍ଷ୍ମୀଧର ସାହୁ ଯୋଗଦେଇ ଜନ ଔଷଧିରେ ମିଳୁଥିବା ଔଷଧ ବିଷୟରେ ଆଲୋଚନା କରିବା ସହିତ ସମଗ୍ର ବିଶ୍ୱରେ କରୋନାରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିବା ପାଇଁ ଆଲୋଚନା କରିଥିଲେ। ସାମାଜିକ କର୍ମୀ ଦେବାଶିଷ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଜନ ଔଷଧି ପରିଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ।

# ଏଭ୍ରି ଓମ୍ୟାନ କୁ ପ୍ରେରଣା ଦେଇଥିବା ସ୍ୱରଗୁଡିକୁ ଏକ ଶ୍ରଦ୍ଧାଞ୍ଜଳୀ ସହିତ ଆଇଡବ୍ଲୁଡି୨୦୨୦ ଉତ୍ସବ ପାଳିଛନ୍ତି ଟ୍ୱିଟର

ଭୁବନେଶ୍ୱର: ଶକ୍ତିଶାଳୀ ସାର୍ବଜନୀନ କଥାବାର୍ତାର ଏପି ସେଂଟରରେ ଟ୍ୱିଟର ରହି ଆସିଛି ଏବଂ ମହିଳା ଆନ୍ଦୋଳନ ଏହାର ଏକ ଅଂଶ ହୋଇଯାଇଛି। ଉଦାହରଣ ସ୍ୱରୁପ, ଭାରତରେ ମହିଳା ଦିବସ ଏବଂ ମହିଳା ସଶକ୍ତି କରଣ ସମ୍ବନ୍ଧିତ କଥାବାର୍ତାରେ ୨୦୨୦ର କିଛି ପ୍ରାରମ୍ଭିକ ମାସରେ ୨୦୧୯ର (ଜାନୁଆରୀ ୧-ଫେବୃୟାରୀ ୨୫) ସମାନ ମାସ ତୁଳନାରେ ୮୭% ବୃଦ୍ଧି ହୋଇଥିଲା।

ବିଶ୍ୱ ସ୍ତରରେ ବିଗତ ୩ ବର୍ଷରେ ନାରୀବାଦ ଏବଂ ସମାନତା ବିଷୟରେ ୧୨୫ମିଲିୟନ ଟ୍ୱିଟ ହୋଇଛି। କଥାବାର୍ତା ଗୁଡିକ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ସହ ଘନିଷ୍ଠ ଭାବେ ଜଡିତ କାରଣ ବିଗତ ୩ ବର୍ଷ ହେଲା ମାର୍ଚ୍ଚ ୮ ଏବଂ ଏହାର ଆଖପାଖ ଦିନର ଟ୍ୱିଟ ପରିମାଣରେ ଏକ ସ୍ପାଇକ ଟ୍ୱିଟର ଦେଖିଆସୁଛି। ଏହି ବର୍ଷ ଦିବସଟିକୁ ପାଳନ କରିବା ପାଇଁ ଟ୍ୱିଟର ଏକ ବିଶେଷ ଇମୋଜି ଲଂଚ କରିଛି ଯାହା ଏଭ୍ରି ଓମ୍ୟାନ ଏବଂ ପ୍ରତ୍ୟେକ ମହିଳା ହେସଟେଗ ସହିତ ସକ୍ରିୟ ହେବ।

ଟ୍ୱିଟରରେ ମାୟା ହରି ଉପାଦକ୍ଷ, ଏସିଆ ପେସିଫିକ କହିଲେ, "ଟ୍ୱିଟରରେ ଆମର ପ୍ଲାଟଫର୍ମରେ ଆନନ୍ଦ ଦାୟକ ଦୈନନ୍ଦୀନ କଥାବାର୍ତାରେ ନିୟୋଜିତ ଥିବା ମହିଳା ମାନଙ୍କଠାରୁ ଦୃଷ୍ଟି ଆକର୍ଷଣ କରୁଥିବା ମାମଲା ବିଷୟରେ ଚଚେତନତା ସୃଷ୍ଟି କରୁଥିବା ଶକ୍ତିଶାଳୀ ମହିଳା ମାନଙ୍କର ଅବିଶ୍ୱାସନୀୟ ଏବଂ ବିବିଧ ସ୍ୱର ଆମେ ଦେଖୁଛୁ। ଏଭ୍ରି ଓମ୍ୟାନ ମାଧ୍ୟମରେ ପ୍ରତ୍ୟେକ ଛାୟା ଏବଂ ପ୍ରତ୍ୟେକ ପ୍ରକାରର ଭାରତୀୟ ମହିଳାଙ୍କୁ ଆମେ ହାଇଲାଇଟ କରିବାକୁ ଚାହୁଁଛୁ ଏବଂ କାର୍ଯ୍ୟସ୍ଥଳୀ ଓ ତାର ଉର୍ଦ୍ଧ୍ୱରେ ଆମକୁ ଯେଉଁ ଭଳି ଜଣାଯାଏ, ତାହାର ପରିବର୍ତନକାରିଙ୍କୁ ସମ୍ମାନୀତ କରିବାକୁ ଆମେ ଚାହୁଁଛୁ।"

ରେକର୍ଡ ବ୍ରେକର ଦୁତୀ ଚାନ୍ଦ, ୧୦୦ମିଟରକୁ ୧୧:୨୪ରେ ରେକର୍ଡ କରିଥିବା ଭାରତର ଦ୍ରୁତତମ ମହିଳା ଉଭୟ ଟ୍ରେକ ଉପରେ ଏବଂ ବାହାରେ ରେକର୍ଡ ବ୍ରେକର ଅଟନ୍ତି। ପ୍ରଥମ ଭାରତୀୟ ସ୍ପୋର୍ଟସ ପର୍ସନ ଭାବେ ଏଲଜିଡିଟିକ୍ୟୁ+ ଗୋଷ୍ଠୀର ଅଂଶ ବୋଲି କୁହାଯିବାପରେ ସେ ଏହି ଅଜଣା ବିଷୟରେ ଡରି ନଯାଇ ସ୍ପୋର୍ଟସରେ ଲିଙ୍ଗଗତ ପକ୍ଷପାତକୁ ନିଜର ଟ୍ୱିଟର ହେଣ୍ଡଲ ବ୍ୟବହାର କରି ସମ୍ବୋଧନ କରିଛନ୍ତି। ଗତବର୍ଷ ତାଙ୍କର ବିଶ୍ୱକୁ କହିଥିବା ସର୍ବାଧିକ ରିଟ୍ୱିଟ ହୋଇଥିବା ଟ୍ୱିଟ ଥିଲା 'ମତେ ତଳକୁଟାଣ, ମୁଁ ଅଧିକ ମଜଭୁତ ହୋଇ ଫେରି ଆସିବି' ଯେତାବେଳେ ସେ ତାଙ୍କର ଗ୍ରୀଷ୍ମ କାଳୀନ ଅଲମ୍ପିକ୍ସ ଟ୍ରଫି ହାତେଇଥିଲେ।

"ଭାରତ ଏବଂ ସାରା ଦୁନିଆରେ ଥିବା ମୋର ଶୁଭେଚ୍ଛୁ ମାନେ ବର୍ଷବର୍ଷ ଧରି ବିନାଦ୍ୱିଧାରେ ମୁଁ ଯାହା ତାହା ହେବା ପାଇଁ ମତେ ପ୍ରେରଣା ଏବଂ ବଳ ଦେଇଛନ୍ତି। ମୋର ପ୍ରଶଂସକ ଏବଂ ବନ୍ଧୁମାନଙ୍କ ସହିତ ଯୋଡି ହେବା ଏବଂ ମୁଁ କେତେ କଠିନ କାମ କରୁଛି ତାହା ସେମାନଙ୍କୁ ଜଣାଇବା ପାଇଁ ମୁଁ ସକ୍ଷମ ହେବା ଯୋଗୁଁ ମତେ ଖୁସି ଲାଗୁଛି।"

# ୟେସ୍ ବ୍ୟାଙ୍କର ସଂସ୍ଥାପକ ରାଣା କପୂରଙ୍କ ବାସଭବନ ଉପରେ ଇଡିର ଚଢାଉ, ମାମଲା ରୁଜୁ

ନୂଆଦିଲ୍ଲୀ:ୟେସ୍ ବ୍ୟାଙ୍କର ସଂସ୍ଥାପକ ରାଣା କପୁରଙ୍କ ବାସଭବନ ଉପରେ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି) ଶୁକ୍ରବାର ବିଳମ୍ବିତ ରାତ୍ରିରେ ଚଢାଉ କରିଛି। ଇଡି ରାଣା କପୁରଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ କରିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଗାମୀ ୩୦ ଦିନରେ ୟେସ୍ ବ୍ୟାଙ୍କର ପୁନର୍ଗଠନ ହେବାର ଆଶ୍ୱାସନା ଦେବାର କିଛି ଘଂଟା ପରେ କପୁରଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି।ଇଡି ୟେସ୍ ବ୍ୟାଙ୍କର ସଂସ୍ଥାପକ ତଥା ପୂର୍ବତନ ପରିଚାଳକ ନିର୍ଦ୍ଦେଶକ ରାଣା କପୁରଙ୍କ ମୁମ୍ବାଇର ବର୍ଲି ସ୍ଥିତ ବାସଭବନ ଉପରେ ଚଢାଉ କରିଛି। ଚଢାଉ ସମୟରେ ଇଡି ୟେସ୍ ବ୍ୟାଙ୍କ ସମ୍ବନ୍ଧିତ କାଗଜପତ୍ରର ଯାଂଚ କରିଛି। ମାତ୍ର କପୁରଙ୍କ ଘରେ ଏହି ଚଢାଉ ନେଇ ଇଡି ପକ୍ଷରୁ କୌଣସି ଆନୁଷ୍ଠାନିକ ବୟାନ ଦିଆଯାଇ ନାହିଁ। ସୂତ୍ର ଅନୁସାରେ ରାଣା କପୁରଙ୍କୁ ଲୁକଆଉଟ୍ ନୋଟିସ୍ ମଧ୍ୟ ଜାରି କରାଯାଇପାରେ। ତେଣୁ ଏମିତି ସ୍ଥିତିରେ ତଦନ୍ତ ପୂରା ନହେବା ଯାଏ ରାଣା କପୁର ଦେଶ ବାହାରକୁ ଯାଇ ପାରିବେ ନାହିଁ।ଉଲ୍ଲେଖନୀୟ ଦୁଇ ଦିନ ପୂର୍ବେ ଯେବେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ୟେସ୍ ବ୍ୟାଙ୍କର ଜମାକାରୀଙ୍କ ପାଇଁ ୫୦ ହଜାର ଟଙ୍କାର ଉଠାଇବାର ସୀମା ନିର୍ଦ୍ଧାରିତ କରିଥିଲା ତେବେ ଯାଇ ଦୁନିଆକୁ ୟେସ୍ ବ୍ୟାଙ୍କ୍ କେତେ ସଂକଟ ଜନକ ସ୍ଥିତି ଦେଇ ଗତି କରୁଛି ତାହା ଜଣା ପଡିଥିଲା। ୟେସ୍ ବ୍ୟାଙ୍କର ଏଟିମଏ ଓ ବ୍ୟାଙ୍କ ସମ୍ମୁଖରେ ଏହି ବ୍ୟାଙ୍କର ଜମାକାରୀଙ୍କ ଲମ୍ବା ଧାଡି ଲାଗିବା ଗଣମାଧ୍ୟମରେ ଖବର ପ୍ରସାରଣ ପରେ ସାମ୍ବାଦିକ ସମ୍ମିଳନୀ କରି ଅର୍ଥ ମନ୍ତ୍ରୀ ଓ ଆରବିଆଇ ଗଭର୍ଣ୍ଣର ଶଶିକାନ୍ତ ଦାସ କହିଥିଲେ ଯେ, ଆରବିଆଇର ନଜର ୟେସ୍ ବ୍ୟାଙ୍କ ଉପରେ ବହୁ ପୂର୍ବରୁ ଥିଲା। ଏହା ମଧ୍ୟରେ ଅର୍ଥମନ୍ତ୍ରୀ ସୀତାରମଣ ଜମାକାରୀଙ୍କୁ ତାଙ୍କର ଅର୍ଥ ସୁରକ୍ଷିତ ଥିବା ଭରସା ଦେଇଛନ୍ତି।

# ନନ୍-ସିରୋଟିକ୍ ଏନ୍ଏଏସ୍ଏଚ୍ର ଚିକିତ୍ସା ଲାଗି ବିଶ୍ୱର ପ୍ରଥମ ଔଷଧ ଆଣିଲା ଜାଇଡସ୍

ଭୁବନେଶ୍ୱର: ଭାରତରେ ନନ୍ ସିରୋସିକ୍ ନନ୍-ଆଲ୍କୋହଲିକ୍ ଷ୍ଟେଟୋହେପାଟାଇଟିସ୍ (ଏନ୍ଏଏସ୍ଏଚ୍)ର ଚିକିତ୍ସା ଲାଗି ଜାଇଡସ୍ କାଡିଲା ପ୍ରସ୍ତୁତ କରିଥିବା ନୂଆ ଔଶଧ ପ୍ରାୟୋଗ (ଏନ୍ଡିଏ)କୁ ଭାରତୀୟ ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଅନୁମୋଦନ ପ୍ରଦାନ କରିଥିବା ଜଣାପଡ଼ିଛି। ଏହି କଂପାନି ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି। ଏନଏଏସ୍ଏଚ୍ ହେଉଛି ଏକ ଯକୃତ ରୋଗ ଯାହା ଯକୃତରେ ମେଦ ବଢ଼ିବା କାରଣରୁ ହୋଇଥାଏ। ଏହା ହେଲେ ସିରୋସିସ୍ ଓ ଯକୃତ ଅଚଳ ହେବାର ଆଶଙ୍କା ରହିଥାଏ। ଏଥିପାଇଁ ସାରା ବିଶ୍ୱରେ ବର୍ତମାନ ସୁଦ୍ଧା କୌଣସି ଅନୁମୋଦିତ ଔଷଧ ନଥିଲା। ବିଶ୍ୱର ୧୦%ରୁ ୩୦% ପର୍ଯ୍ୟନ୍ତ ଲୋକ ଏହି ରୋଗରେ ପୀଡ଼ିତ ଅଛନ୍ତି। ଭାରତରେ ପ୍ରାୟ ୨୫% ଜନସଂଖ୍ୟା ଏହା ଦ୍ୱାରା ପୀଡ଼ିତ ଥିବା ଅନୁମାନ କରାଯାଉଛି। ହେପାଟାଇଟିସ୍ ସି ଓ ଆଲକୋହଲିକ୍ ଯକୃତ ରୋଗ ପାଇଁ ସିରୋସିସ୍ ହେବାର ଏହା ଏକ ପ୍ରମୁଖ କାରଣ। କେବଳ ଯକୃତ ପ୍ରତିରୋପଣ ଦ୍ୱାରା ଏହି ରୋଗରୁ ମୁକ୍ତି ମିଳୁଥିଲା।

ଏହି ନୂତନ ଔଷଧ ସଂପର୍କରେ ଜାଇଡସ୍ କାଡିଲାର ଅଧ୍ୟକ୍ଷ ପଙ୍କଜ ପଟେଲ୍ କହିଛନ୍ତି ଯେ, "ଏନଏଏସ୍ଏଚ୍ରେ ପୀଡ଼ିତ ଥିବା ରୋଗୀଙ୍କ ପାଇଁ ଏକ ଔଷଧ ଆବିଷ୍କାର ଓ ବିକଶିତ କରିବା ଲାଗି ଆମର ଉଦ୍ୟମକୁ ନେଇ ଆମେ ବହୁତ ଖୁସି। ଏହା ବିଶ୍ୱର ଏଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା ଥିଲା ଯାହାକୁ ଏବେ ସଫଳତାର ସହ ମୁକାବିଲା କରାଯାଇପାରିବ। ସରୋଗ୍ଲିଟାଜାର ଏବେ ଆଶା ପ୍ରଦାନ କରିଛି ଏବଂ ଏନଏଏସଏଚ୍ ଦ୍ୱାରା ଭାରତରେ ପୀଡ଼ିତ ଥିବା ନିୟୁତାଧିକ ଲୋକଙ୍କୁ ଏହା ନୂତନ ଜୀବନ ପ୍ରଦାନ କରିବ।''

ସରୋଗ୍ଲିଟାଜରକୁ ୨୦୧୩ ସେପ୍ଟେମ୍ବରରେ ଡାଇବେଟିସ୍ ରୋଗୀଙ୍କ ଚିକିତ୍ସା ଲାଗି ଭାରତରେ ଉନ୍ମୋଚନ କରାଯାଇଥିଲା। ଟାଇପ ୨ ଡାଇବେଟିସ୍ ମେଲିଟସ୍ ପାଇଁ ଏହା ଅନୁମୋଦନ ହାସଲ କରିଥିଲା। ବିଗତ ସାତ ବର୍ଷରେ ଏକ ନିୟୁତରୁ ଅଧିକ ଲୋକ ଏହା ଦ୍ୱାରା ଉପକୃତ ହୋଇଛନ୍ତି। ଏନଏଏସ୍ଏଚରେ ଏହାକୁ ପ୍ରୟୋଗ କରାଯିବା ପରେ ପରୀକ୍ଷା ସମୟରେ ସକାରାତ୍ମକ ଫଳ ମିଳିଥିଲା। ଯକୃତରୁ ମେଦ, ଏନଜାଇମ୍ ଓ ରୋଗ କମ୍ କରିବାରେ ସରୋଗ୍ଲିଟାଜାର୍ ୪ ଏମ୍ଜି ବିଶେଷ ଭାବେ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ସେଥିରେ ଆହୁରି ଉନ୍ନତି ପରିଲକ୍ଷିତ ହୋଇଥିଲା। ଏହାର ଫଳାଫଳକୁ ଆମେରିକାର ବୋଷ୍ଟନ ଠାରେ ଅନୁଷ୍ଠିତ ଆମେରିକାନ ଆସୋସିଏସନ ଫର ଦି ଷ୍ଟଡି ଅଫ ଲିଭରର " ଦି ଲିଭର ମିଟିଂ ୨୦୧୯'ରେ ଉପସ୍ଥାପନ କରାଯାଇଥିଲା।

# ବିଜୁବାବୁଙ୍କ ୧୦୪ ତମ ଜୟନ୍ତୀ ସମାରୋହ




ଝୁମ୍ପୁରା (ପିଏନ)- ସଦର ନିର୍ବାଚନ ମଣ୍ଡଳୀ ଝୁମ୍ପୁରା ବ୍ଲକର ନହବେଡା ଗ୍ରାମପଚଂାୟତ ନହବେଡା ଗ୍ରାମ ସରକାରୀ ଧାନ ଖଳା ପଡିଆରେ ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜନ୍ମ ଜୟନ୍ତୀ ଝୁମ୍ପୁରା ବିଜୁ ଜନତା ଦଳ ପକ୍ଷରୁ ୭ତାରିଖ ଶନିବାର ଦିନ ମହା ସମାରୋହରେ ପାଳନ ହୋଇଯାଇଛି । ଆୟୋଜିତ ସମାରୋହରେ ଝୁମ୍ପୁରା ବ୍ଲକ ବିଜୁ ଜନତା ଦଳର ସଭାପତି ମହମ୍ମଦ କଫିଲ ଆନସାରୀ ଅଧ୍ୟକ୍ଷତା କରିଥିଲେ । ନହବେଡା ଗ୍ରାମପଚଂାୟତର ବିଜୁଯୁବ ବାହିନୀର ସଭାପତି ସ୍ୱର୍ଗତ ତ୍ରୀନାଥ ନାଏକ ଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ୧ମିନିଟ୍ ନୀରବ ପ୍ରାର୍ଥନା କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସମାରୋହରେ ପୂର୍ବତନ ସାଂସଦ ତଥା ନବ ନିର୍ବାଚିତ ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିବା ସହ ଓଡିଶାର ବିକାଶ କ୍ଷେତ୍ରରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ। ବିଜୁବାବୁ ଜଣେ ରାଜନେତା ନୁହେଁ ସେ ଥିଲେ ରାଷ୍ଟ୍ର ନେତା ବୋଲି ମତବ୍ୟକ୍ତ କରିଥିଲ । ସମ୍ମାନୀତ ଅତିଥି ଭାବେ ସଦର ବ୍ଲକ ସଭାପତି ଚକ୍ରଧର ପରିଡା ଯୋଗ ଦେଇ କହିଥିଲେ ବିଜୁବାବୁ ଓଡିଶା ପଚଂାୟତ ରାଜ ବ୍ୟବସ୍ଥାରେ ଭାରତବର୍ଷରେ ପ୍ରଥମ ରାଜ୍ୟ ଭାବରେ କାର୍ଯ୍ୟକାରୀ ସହ ମହିଳାମାନଙ୍କୁ ୩୩ଭାଗ ସଂରକ୍ଷଣ ଦେଇଥିଲେ । ସେହି ଭଳି ସଦର ବ୍ଲକର ଜିଲ୍ଲା କାର୍ଯ୍ୟକାରୀଣି ସଦସ୍ୟ ଜଗଦିଶ୍ ଆପଟ୍ଟ ଯୋଗ ଦେଇ କହିଥିଲେ ଯେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଦେଶର ସ୍ୱାଧିନତା ସଂଗ୍ରାମରେ ତାଙ୍କର ଅବଦାନ ସହ ଇନ୍ଦୋନେସିଆର ମୁକ୍ତି ଆନ୍ଦୋଳନରେ ତାଙ୍କର ଅବଦାନ ପାଇଁ ଇନ୍ଦୋନେସିଆ ସରକାର ଭୂମିପୁତ୍ର ସମ୍ମାନରେ ସମ୍ମାନୀତ କରିଥିଲେ । ବିଜୁ ପଟ୍ଟନାୟକ ଙ୍କ ନାମରେ ଗଠିତ ବିଜେଡି ଦଳ ବିଜୁବାବୁଙ୍କ ନୀତି ଆର୍ଦଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକରିବାକୁ ଉପଦେଷ୍ଟା ବିପିନ ବିହାରୀ ଆପଟ୍ଟ ଦଳୀୟ କର୍ମମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଝୁମ୍ପୁରା ବ୍ଲକର ଜିଲ୍ଲା କାର୍ଯ୍ୟକାରୀଣି ସଦସ୍ୟ ରାଧାଗୋବିନ୍ଦ ପଟ୍ଟନାୟକ, ନହବେଡା ପଚଂାୟତ ସଭାପତି ବିଶୁ ନାଏକ, ଖେଣ୍ଡରା ପଚଂାୟତ ସଭାପତି ଖଗେଶ୍ୱର ମହାନ୍ତ, ମଲଦା ସଭାପତି ଦିବାକର ନାଏକ, ଝୁମ୍ପୁରା ସଭାପତି ପ୍ରଫୁଲ୍ଲ ପ୍ରଧାନ, ଅର୍ଶଲା ସଭାପତି ଗୋବିନ୍ଦ ପାତ୍ର, ଗୁମୁରା ସଭାପତି ନିମାଇଁ ମହାନ୍ତ, ନିଶ୍ଚିନ୍ତପୁର ସଭାପତି ଶିବନାଥ ସର୍ଦ୍ଦାର,ବସନ୍ତପୁର କରଧ୍ୱଜ ମହାନ୍ତ, ବରିଷ୍ଠ କର୍ମୀ କ୍ଷୀରୋଦ ମହାନ୍ତ, ତୁଳସୀ ମହାନ୍ତ, ନଳୀନି ମହାନ୍ତ, ଚମ୍ପାବତୀ ମହାନ୍ତ ,ରାଜୁ ସିଂ ପ୍ରମୁଖ ଦଳୀୟ ନେତା ଓ କର୍ମୀମାନେ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ଶେଷରେ ନାରଦପୁର ସଭାପତି ଅଖିଳଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ଝୁମ୍ପୁରା ବ୍ଲକର ୧୨ ଗୋଟି ଗ୍ରାମପଚଂାୟତରୁ ପାଖାପାଖି ୧୨ ଶହ ରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଓ ମା' ଭଉଣୀ ଯୋଗ ଦେଇଥିଲେ ।

## କରୋନା ଭୂତାଣୁର ପ୍ରଭାବ, ଅନିଶ୍ଚିତତା ଘେରରେ ଭାରତ-ଚୀନ ସୀମା ବାଣିଜ୍ୟ

ଗ୍ୟାଙ୍ଗଟକ୍: କରୋନା ଭୂତାଣୁର ପ୍ରକୋପର ପ୍ରଭାବ ସଂପ୍ରତି ଅର୍ଥ ବ୍ୟବସ୍ଥା ଉପରେ ମଧ୍ୟ ପଡିଛି। ମାରାତ୍ମକ କରୋନା କାରଣରୁ ପ୍ରତ୍ୟେକ ବର୍ଷ ମେ ମାସରୁ ନଭେମ୍ବର ମଧ୍ୟରେ ହେବାକୁ ଥିବା ଭାରତ-ଚୀନ ସୀମା ବାଣିଜ୍ୟ ଉପରେ ଅନିଶ୍ଚିତତାର ବାଦଲ ଖେଳି ଯାଇଛି। ଯାହା ଫଳରେ ସିକ୍କିମ ସରକାର ଆଗାମୀ ମେ ମାସରୁ ଆରମ୍ଭ ହେବାକୁ ଥିବା ନାଥୁଲା ସୀମା ବ୍ୟାପାରକୁ ଆଗାମୀ ଆଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ନାଥୁଲା ସୀମା ବାଣିଜ୍ୟ ୨୦୦୬ରେ ଆରମ୍ଭ କରାଯାଇଥିଲା। ସେବେଠୁ ନେଇ ଆଜି ପର୍ଯ୍ୟନ୍ତ ସିକ୍କିମର ସ୍ଥାନୀୟ ବ୍ୟବସାୟୀ ଏବଂ ତିବ୍ବତ ସ୍ୱାୟତ କ୍ଷେତ୍ରର ବ୍ୟବସାୟୀ ଏଥିରେ ସାମିଲ ହୋଇ ଆସୁଛନ୍ତି। ମାତ୍ର ଚଳିତ ବର୍ଷ କରୋନା ଭୂତାଣୁର ପ୍ରକୋପ କାରଣରୁ ଏହି ବାଣିଜ୍ୟ ଅନିଶ୍ଚିତତା ଘେରରେ ରହିଛି।ଏହା ସହିତ ପର୍ଯ୍ୟଟକଙ୍କୁ ଭାରତ-ଚୀନ ସୀମାରେ ସ୍ଥିତ ନାଥୁଲା ଲାଗି ପରମିଟ୍ ଜାରି କରାଯାଇ ନାହିଁ। ସିକ୍କିମ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ନାଥୁଲା ଏକ ଆକର୍ଷଣର କେନ୍ଦ୍ର ରହିଥିଲା, ମାତ୍ର ଏବେ ପର୍ଯ୍ୟଟକ ନାଥୁଲା ଯାଇ ପାରିବେ ନାହିଁ। କିନ୍ତୁ ଏହି ନିର୍ଣ୍ଣୟ ପରବର୍ତୀ ଆଦେଶ ପର୍ଯ୍ୟନ୍ତ ରଖାଯାଇଥିବା କୁହାଯାଉଛି। କେବଳ ଏତିକି ନୁହଁ ସିକ୍କିମ ସରକାର ପରବର୍ତୀ ଆଦେଶ ପର୍ଯ୍ୟନ୍ତ ଭୂଟାନ ସହିତ ସମସ୍ତ ଦେଶର ନାଗରିକଙ୍କ ଲାଗି ପରମିଟ୍ ଜାରି ନକରିବାକୁ ମଧ୍ୟ ନିଷ୍ପତି ନେଇଛି। ରାଜ୍ୟ ସରକାର ଉପରୋକ୍ତ ନିର୍ଣ୍ଣୟ ସୂଚନା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଦେଇଛନ୍ତି। ଏହା ବ୍ୟତୀତ ସରକାର ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗ ସିକ୍କିମରେ ପଢୁଥିବା ବିଦେଶୀ ଛାତ୍ରଙ୍କ ବାଧ୍ୟତାମୂଳକ ସ୍କ୍ରିନିଂ କରିବାକୁ ମଧ୍ୟ ନିଷ୍ପତି ନେଇଛି।କରୋନା ଭୂତାଣୁର ପ୍ରକୋପର ପ୍ରଭାବ ରାଜଧାନୀ ଗ୍ୟାଙ୍ଗଟକରେ ଖେଳାଯାଉଥିବା ମୁଖ୍ୟମନ୍ତ୍ରୀ ତିରନ୍ଦାଜୀ ପ୍ରତିଯୋଗିତା ଉପରେ ମଧ୍ୟ ପଡିଛି। ଏହି ପ୍ରତିଯୋଗିତାରେ ଭୂଟାନର ପ୍ରତିଯୋଗୀ ଭାଗ ନେଇଛନ୍ତି। ମାତ୍ର ଏବେ ଭୂଟାନର ୪ ଦଳ ଉପରେ ପ୍ରତିବନ୍ଧକ ଲଗାଯାଇଛି।ଆଗାମୀ ହୋଲି ଉତ୍ସବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଲୋକଙ୍କୁ ଭିଡରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ରାସାୟନିକ ରଙ୍ଗ ବ୍ୟାବହର ଉପରେ କଟକଣା ଲଗାଇବାକୁ ନିର୍ଣ୍ଣୟ ନିଆଯାଇଛି।

## ରାସ୍ତାକଡ଼ରେ ଚାଲିଛି ବେଧଡ଼କ ବାଲି ଖାଦାନ

ବାଲେଶ୍ୱର (ପିଏନ): ବାଲେଶ୍ୱରର ଜନଗହଳି ପୂର୍ଣ୍ଣ ଓଟି ରୋଡ଼ ଜିଲ୍ଲା ଶିଳ୍ପକେନ୍ଦ୍ର ଓ ସତ୍ୟସାଇ ସ୍କୁଲ ମଧ୍ୟଭାଗରେ ଥିବା ଏକ ଛୋଟ ପଡ଼ିଆରେ ଏବେ ବେଧଡ଼କ ବାଲିର ଡିପୋ କରାଯାଇଛି । ସକାଳ ଠାରୁ ରାତ୍ରିସାରା ଏଠାରେ ବାଲି ଢଳାଯିବା ସହ ଉଠାଣ ମଧ୍ୟ ହେଉଛି । ଫଳରେ ଏହି ସ୍ଥାନଟି ଏକ ବାଲି ଖାଦାନର ଭ୍ରମ ସୃଷ୍ଟି କରୁଛି । ଜନଗହଳିପୂର୍ଣ୍ଣ ରାସ୍ତା ଧାରରେ ଏପରି ବେପରୁଆ କାର୍ଯ୍ୟକୁ ପୁଲିସ ବିଶେଷ କରି ଟ୍ରାଫିକ୍ ପୁଲିସର ନଜରକୁ ଆସୁ ନାହିଁ । ତାହା ସମସ୍ତଙ୍କୁ ଚକିତ କରିଛି । ପୂର୍ବରୁ ଏହି ବାଲିଡ଼ିପୋସ୍ଥଳରେ ଅନେକ ଦୁର୍ଘଟଣା ଘଟିଥିଲା । ବଡ଼ବଡ଼ ଟ୍ରକ୍ରେ ବାଲି ଢଳାଯିବା ଓ ଉଠାଣ ସମୟରେ ଗାଡ଼ିମଟରର କର୍କସ ଶବ୍ଦ ପାଖରେ ଥିବା ଜନବସତିକୁ ପ୍ରଭାବିତ କରୁଛି । କାରଣ ଏହାରି ସମ୍ମୁଖରେ ବଡ଼ ମାର୍କେଟ କମ୍ପ୍ଲେକ୍ସ ରହିଛି । ଏହିପ୍ରକାର ବାଲି ଡିପୋ ଚାଲିବା ଫଳରେ ଏଠକାର ପରିବେଶ ମଧ୍ୟ ପ୍ରଦୁଷିତ ହେଉଛି । ଏଣୁ ଏଠାରୁ ଏହି ବାଲି ଡିପୋ ତୁରନ୍ତ ପ୍ରତ୍ୟାହାର କରାଯିବା ପାଇଁ ସାଧାରଣରେ ଦାବିହେଉଛି ।

# ଅଦିନିଆ ବର୍ଷାରେ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର (ପିଏନ): ବିଗତ ୩/୪ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ମାଡ଼, ଜୋର୍ରେ ପବନ ବହିବା ଫଳରେ କେଉଁଠି ଗଛ ଉପୁଡ଼ି ପଡ଼ିଛି, କେଉଁଠି ଚାଳ, ଛପର ଆଜ୍ବେଷ୍ଟସ୍, ଖପରିଲ ଘର ଉଡ଼ିଯିବା ସାଙ୍ଗେସାଙ୍ଗେ ଦୁଇଜଣ ମୃତ୍ୟୁବରଣ କରିଛନ୍ତି ଓ ୫ ରୁ ଅଧିକ ଲୋକ ଆହତ ହୋଇଛନ୍ତି । କିନ୍ତୁ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି ଚାଷୀ । ରବି ଋତୁରେ ଚାଷ କରିଥିବା ବିରି, ମୁଗ, ସୋରିଷ, କପା, ଟମାଟର, ବାଇଗଣ, କାକୁଡ଼ି, କଖାରୁ, କଲରା ପ୍ରଭୃତି ପନିପରିବା ଫସଲ ସବୁ ଉଜୁଡି ଯାଇଛି । ଯାହା କିଛି ବଞ୍ଚିଛି ବର୍ଷା ଛାଡ଼ିଗଲା ପରେ ରୋଗପୋକ ଲାଗିବାର ଆଶଙ୍କା ଓ ଏଡ଼ାଇ ଦିଆଯାଇ ନ'ପାରେ । ବାରମ୍ବାର ଅଦିନିଆ ବର୍ଷା, ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ମଣିଷକୃତ ବିପର୍ଯ୍ୟୟ ଯୋଗୁଁ ଚାଷୀ କ୍ଷୟକ୍ଷତିର ସମ୍ମୁଖୀନ ହେଉଛି । କେତେବେଳେ ତା' ଫସଲ ଉଜୁଡ଼ି ଯାଉଛି ତ, ଆଉ କେତେବେଳେ ମୁଣ୍ଡଝାଳ ତୁଣ୍ଡରେ ମାରି ଯାହା ସେ ଉତ୍ପାଦନ କରୁଛି, ତା'ର ଉଚିତ୍ ମୂଲ୍ୟ ମଧ୍ୟ ପାଇପାରୁନାହିଁ । ବେଳେବେଳେ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡୁଛି । ବାଧହୋଇ ରାଜରାସ୍ତାରେ କେତେବେଳେ ଚାଷୀ ଧାନବସ୍ତା ରଖି ଆନ୍ଦୋଳନ କରୁଛି ତ ଆଉକେତେବେଳେ ଟମାଟର ଓ ଆଳୁ ଆଣି ରାସ୍ତାରେ ଅଜାଡୁଛି, ଆଉ କେତେବେଳେ ରାସ୍ତାରେ କ୍ଷୀର ଢାଳି ପ୍ରତିବାଦ କରୁଛି । ବୀମା କମ୍ପାନୀମାନଙ୍କର ଦା' ପେଞ୍ଚ ଯୋଗୁଁ ଠିକ୍ ସମୟରେ ବୀମାଟଙ୍କା ମଧ୍ୟ ଚାଷୀକୁ ମିଳିପାରୁନାହିଁ । ତେଣୁ ବାଧହୋଇ ଗଣ୍ଡେ ଖାଇବା ଓ ଖଣ୍ଡେ ପିନ୍ଧିବା ପାଇଁ ସେ ଦାଦନ ଖଟିବାକୁ ଯାଉଛି । ଯଦି ଅସହାୟ ଯୋଗୁଁ ଦାଦନ ଖଟିପାରୁ ନାହିଁ, ତେଣୁ ବାଧହୋଇ ଆତ୍ମହତ୍ୟାର ବାଟ ବାଛିନେଉଛି । ସ୍ୱତନ୍ତ୍ର କୃଷି କ୍ୟାବିନେଟ୍, କୃଷକଙ୍କ ଉନ୍ନତି ପାଇଁ ସରକାରଙ୍କ ସମସ୍ତ ଘୋଷଣା ସତ୍ତ୍ୱେ ଯୋଜନାର ସୁଫଳ ଚାଷୀଙ୍କ ପାଖରେ ଆଜି ବି ଅପହଞ୍ଚ ହୋଇ ରହିଯାଇଛି । ଗତବର୍ଷର ବୁଲବୁଲ୍ ପରେ ଆଜିର ଏହି ଅଦିନିଆ ବର୍ଷା ଓ କୁଆପଥର ମାଡ଼ ଯୋଗୁଁ ଖରିଫ୍ ଓ ରବି ଫସଲ ଉଜୁଡ଼ିଗଲା । ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାପାଇଁ ସମାଜବାଦୀ ପାର୍ଟି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଓ ବିଭିନ୍ନ ଜିଲ୍ଲାପାଳଙ୍କୁ କ୍ଷୟକ୍ଷତିର ଆକଳନ କରି ଚଳିତମାସ ଶେଷ ସୁଦ୍ଧା ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସମାଜବାଦୀ ପାର୍ଟି ରାଜ୍ୟସଭାପତି ରବି ବେହେରା ଦାବି କରିଛନ୍ତି । ଏହା ବ୍ୟତୀତ ଆଗାମୀ ଅକ୍ଷୟ ତୃତୀୟାକୁ ଆଖିଆଗରେ ରଖି ଚାଷୀଙ୍କୁ ଠିକ୍ ସମୟରେ ବିହନ, ସାର, ଓ କୀଟନାଶକ ଯୋଗାଇ ଦେବାପାଇଁ କୃଷି ବିଭାଗ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ କୃଷି ବିଭାଗକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି ।

# ମହିଳାଙ୍କୁ ଟଣାଓଟରା କରି ଯୁବକ ଗିରଫ

ବାଲେଶ୍ୱର (ପିଏନ) : ଜଣେ ମହିଳାଙ୍କୁ ଟଣାଓଟରା କରିବା ଘଟଣାରେ ଶିଳ୍ପାଞ୍ଚଳ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଯୁବକ ଜଣକ ହେଲେ ଭଦ୍ରକ ଜିଲ୍ଲା ବାସୁଦେବପୁ ବଛଦା ଅଞ୍ଚଳର ସୋମନାଥ ମଲ୍ଲିକ (୪୧) । ସୂଚନାଯୋଗ ମେ଼କାପଦା ଅଞ୍ଚଳର ବିନିରାଣୀ ଜେନା (୨୯) ଡ୍ୟୁଟିରେ ସାଙ୍ଗ ଘରକୁ ଯାଉଥିବା ବେଳେ ସୋମନାଥ ରାସ୍ତାରେ ବିନିରାଣୀଙ୍କୁ ଅଟକାଇ ତାଙ୍କ ହାତକୁ ଘୋଷାଡ଼ିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥବଲେ । ସ୍ଥାନୀୟ ଅଞ୍ଚଳ ଲୋକେ ବିରୋଧ କରିବାରୁ ସୋମନାଥ ସେଠାରୁ ପଳେଇ ଯାଇଥିଲେ । ଏନେଇ ବିନିରାଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ତଦନ୍ତ କରି କେସ୍ ନଂ ୩୩/ ୨୦ ଜନିତ ଏକ ମାମଲା ରୁଜୁ କରି ସୋମନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ମିଥ୍ୟା ଭାଉଚର ଦେଇ ଲାଇବ୍ରେରୀ ପୁସ୍ତକ କ୍ରୟ ଅଭିଯୋଗ

ବାଲେଶ୍ୱର (ପିଏନ): ମିଥ୍ୟା ଭାଉଚର ଦେଇ ଭୀମପୁର ସତ୍ୟନାରାୟଣ ନୋଡ଼ାଲ ହାଇସ୍କୁଲ ଲାଇବ୍ରେରୀ ପାଇଁ ପୁସ୍ତକ କିଣା ଯାଇଥିବା ଅଭିଯୋଗ ହୋଇଛି । ପୁସ୍ତକ କିଣା ଯାଇଥିବା କେତେକ ଭାଉଚରରେ ଟିଡ଼୍ ନମ୍ବର ନଥିବା ବେଳେ କେତେକରେ ତାରିଖ ନାହିଁ ତ ଆଉ କେଉଁଥିରେ ଦସ୍ତଖତ ନାହିଁ । କେତେକ ସ୍ଥାନରେ ଅର୍ଥକୁ ଅକ୍ଷରରେ ଲେଖା ଯାଇ ନାହିଁ । କେତେକ ଭାଉଚରରେ ଉଲ୍ଲେଖି ଥିବା ଦୋକାନ ସହରରେ ନଥିବା ବେଳେ କେତେକ ଦୋକାନରେ ପୁସ୍ତକ ବିକ୍ରି ହୁଏ ନାହିଁ ବୋଲି ଅଭିଯୋଗ ହୋଇଛି। ଉପରୋକ୍ତ ଭାଉଚରଗୁଡ଼ିକ ଫେକ୍ ଭାଉଚର ହୋଇଥିବା ବେଳେ ଟଙ୍କା ଆତ୍ମସାତ କରାଯାଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଏନେଇ ଜିଲ୍ଲାପାଳଙ୍କ ନିକଟରେ ଗାଁର ତପସ୍ୱିନୀ ବେହେରା, ସୁକାନ୍ତ ମହାଳିକ, ମମତା ବେହେରା, ଗୌରୀମଣି ବେହେରା, ବିଜୟ ଭାସ୍କର ବେହେରା, ବନଲତା ଦାସ, ରାମଚନ୍ଦ୍ର ବେହେରା, ହରେକୃଷ୍ଣ ବେହେରା ପ୍ରମୁଖ ଗାଁଲୋକେ ଲିଖିତ ଅଭିଯୋଗ କରିଛନ୍ତି କି ପ୍ରଧାନ ଶିକ୍ଷୟିତ୍ରୀ ବିଳମ୍ବରେ ସ୍କୁଲକୁ ଆସୁଥିବାବେଳେ ଏହାର ପ୍ରମାଣ ଜିଲ୍ଲା ଶିକ୍ଷାଧ"୍କାରୀଙ୍କୁ ଦିଆଯାଇଛି । ସେହିପରି ବିଦ୍ୟାପୀଠର କ୍ୟାସବୁକ ଓ ରିଜୋଲ୍ୟୁସନ ବୁକ ସ୍କୁଲ ନଥିବା, କ୍ୟାସବୁକ ଓ ପାସବୁକ୍ରେ ତାଳମେଳ ନଥିବା ମଧ୍ୟ ଅଭିଯୋଗ ହୋଇଛି । ବିଦ୍ୟାପୀଠର କୁକୁର, ଗୋରୁ, ପିଲାମାନେ ସାଙ୍ଗରେ ଭାତ ଖାଉଥିବାର ଭିଜୁଆଲ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା । ୨୫.୨.୨୦୨୦ରେ ୬୦ ରୁ ଅଧିକ ପିଲା ମଧ୍ୟାହ୍ନ ଭୋଜନ ଖାଇବାକୁ ପାଇନଥିବା ବେଳେ ଚାଉଳ ଷ୍ଟକରେ ତାଳମେଳ ରହିନଥିବା ଅଭିଯୋଗ ହୋଇଛି । ଏସବୁ ବିଚାରକୁ ନେଇ ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଗାଁଲୋକଙ୍କ ପକ୍ଷରୁ ନିବେଦନ କରାଯାଇଥିଲା ।

## ବିଶ୍ୱ ମହିଳା ଦିବସ ଅବସରରେ ଆହ୍ୱାନ

# ପ୍ରତ୍ୟେକ ମହିଳା ସଚେତନ ଓ ଶିକ୍ଷିତା ହେବା ଜରୁରୀ

ଭୁବନେଶ୍ୱର(ପିଏନ)-ଲିଙ୍ଗଭିତ୍ତିକ ସମାନତା ସମାଜ ଗଠନ ପାଇଁ ପ୍ରତ୍ୟେକ ମହିଳା ଓ ଯୁବତୀମାନେ ଅଧିକ ଶିକ୍ଷିତା ହେବା ଜରୁରୀ ଓ ମହିଳା ମାନଙ୍କ ପ୍ରତି ହେଉଥିବା ଘରୋଇ ହିଂସାର ଦୂର ପାଇଁ ଚୁପ୍ ନରହି ସ୍ୱର ଉତ୍ତୋଳନ କରିବା ଦରକାର ବୋଲି ଆଜି ସ୍ଥାନୀୟ ପଥରବନ୍ଧ ବସ୍ତିଠାରେ ଶିଶୁ ଓ ମହିଳା ବିକାଶ କେନ୍ଦ୍ର (ସିସିଡବ୍ଲୁଡି) ଆକ୍ସନ୍ଏଡ୍ ଓ ଏଚ୍.ପି.ଙ୍କ ମିଳିତ ଆନୁକୁଲ୍ୟରେ ଆୟୋଜିତ ବିଶ୍ୱ ମହିଳା ଦିବସ ପାଳନ ଅବସରରେ ଏକଥା ଆଜି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏଥିରେ ମହିଳା ନେତ୍ରୀ ଉଷାରାଣୀ ବେହେରା, ବରିଷ୍ଠ ପତ୍ରକାର ବିଘ୍ନେଶ୍ୱର ସାହୁ, ଆକ୍ସନଏଡ୍ର ଶୁଭେନ୍ଦୁ କୁମାର ରାୟ, ଶ୍ୟାମ ସୁନ୍ଦର ପାଲ୍, ଅର୍ଜୁନ ଦିଗଲ, ଭୁବନେଶ୍ୱର ୟଙ୍ଗ ଅର୍ବାନ ଓ୍ୱିମେନ୍ ଫୋରମ୍ର ସଭାପତି ସସ୍ମିତା ମହାରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଶ୍ୱ ମହିଳା ଦିବସ ସମ୍ମାନାର୍ଥେ ରଙ୍ଗୋଲି, ଶପଥ ପାଠ, ମାନବ ଶୃଙ୍ଖଳ ଓ ହାତଛପା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରଦାନ କରିଥିବାବେଳେ ସିସିଡବ୍ଲୁଡିର ସଂପାଦକ ସଦାଶିବ ସ୍ୱାଇଁ ବିଶ୍ୱ ମହିଳା ଦିବସର ତାତ୍ପର୍ଯ୍ୟ ଉପରେ ଅଭିଭାଷଣ ରଖିଥିଲେ । ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରୁ ମହିଳା ମଣ୍ଡଳ ସଦସ୍ୟା, ଅଣସଂଗଠିତ ଶ୍ରମିକ ମଞ୍ଚ ଓ ଭୁବନେଶ୍ୱରର ୟଙ୍ଗ ଅର୍ବାନ ଓ୍ୱିମେନ ଫୋରମର ପ୍ରତିନିଧିମାନେ ଯୋଗଦାନ କରିଥିଲେ ।






# କରୋନା ଆତଙ୍କକୁ ବେଖାତିର: 'ପ୍ରୟାସ'ର ବନ୍ଧୁ ମିଳନ ଓ ଦହିହାଣ୍ଡି ଭଙ୍ଗା ଉତ୍ସବରେ ସାମିଲ ହେଲେ ହୋଲିପ୍ରେମୀ

ଭୁବନେଶ୍ୱର (ପିଏନ୍): ସମ୍ପ୍ରତି ମହାମାରୀ କରୋନା ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇଥିଲେ ବି ତାହାକୁ ରାଜଧାନୀ ଭୁବନେଶ୍ୱରର ସଂସ୍କୃତିପ୍ରେମୀ ଓ ଭାଇଚାରାରେ ବିଶ୍ୱାସ ରଖୁଥିବା ଲୋକମାନେ ବେଖାତିର କରିଛନ୍ତି। ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ 'ପ୍ରୟାସ' ପକ୍ଷରୁ ଆୟୋଜିତ ହୋଲି ମିଳନ ତଥା ଦହିହାଣ୍ଡି ଭଙ୍ଗା ଉତ୍ସବରେ ଶତାଧିକ ଲୋକ ସାମିଲ୍ ହୋଇ ସାଂସ୍କୃତିକ ଭାବନା ପ୍ରଦର୍ଶନ କରିବା ଏବଂ ପରସ୍ପର ପ୍ରତି ସ୍ନେହ ବାଣ୍ଟିବା ହେଉଛି ତାହାର ନିଦର୍ଶନ। ସ୍ଥାନୀୟ ୩ ନମ୍ବର ୟୁନିଟସ୍ଥିତ ରାମ ମନ୍ଦିର ପରିସରରେ 'ପ୍ରୟାସ' ଅନୁଷ୍ଠାନର ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ବନବିହାରୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ୧୩ତମ ହୋଲି ମିଳନ ଓ ପାରମ୍ପରିକ ଦହିହାଣ୍ଡି ଭଙ୍ଗା ଉତ୍ସବର ଆୟୋଜନ ହୋଇଥିଲା। ସେଥିରେ ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ଼ର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ କର୍ପୋରେଟର ନବକୁମାର ବେହେରା, ଦୈନିକ 'ପ୍ରମେୟ'ର ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, 'ଓଡ଼ିଶା ଭାସ୍କର'ର ବାର୍ତ୍ତା ସମ୍ପାଦକ କୌସ୍ତୁଭ ଦାସ, ବରିଷ୍ଠ ସମ୍ବାଦିକ ବୈଷ୍ଣବ ଦାସ, ସମାଜସେବୀ ସିପ୍ରା ଇରା, ଦୁଇନମ୍ବର ସେଣ୍ଟ୍ରାଲ ମାର୍କେଟ ଆସୋସିଏସନର ରବିନାରାୟଣ ମହାନ୍ତି, ବିଶିଷ୍ଟ ନାଟ୍ୟକାର ଲାଲା ବୀରେନ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ସାମିଲ ହୋଇଥିବା ହୋଲିପ୍ରେମୀମାନଙ୍କୁ ବକ୍ତାମାନେ ଉଦ୍‌ବୋଧନ ଦେଇ କହିଲେ ଯେ, ସାଂସ୍କୃତିକ ଭାବନା ଓ ଉତ୍ସବ ପାଳନ ହେଉଛି ଭାରତୀୟମାନଙ୍କର ଅସ୍ଥିମଜ୍ଜାଗତ। ଏଥିପାଇଁ କୌଣସି ପ୍ରତିବନ୍ଧକକୁ ସେମାନେ ଖାତିର କରନ୍ତି ନାହିଁ। ପ୍ରତିବର୍ଷ ସେମାନେ ହୋଲିରେ ଭାଇଚାରାର ପ୍ରଦର୍ଶନ କରି ଆସୁଛନ୍ତି। ଏହାଦ୍ୱାରା ସାମାଜିକ ବନ୍ଧନ ଦୃଢ଼ୀଭୂତ ହେଉଛି ଏବଂ ଏକତା ବୃଦ୍ଧି ପାଉଛି। ବହୁଳ ବିବିଧତାପୂର୍ଣ୍ଣ ଭାରତବର୍ଷରେ ଏହା ଏକ ବିସ୍ମୟକର ଘଟଣା ଯାହା ବିଦେଶୀମାନଙ୍କୁ ଚକିତ କରି ଆସିଛି ବୋଲି ବକ୍ତାମାନେ କହିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ଦହିହାଣ୍ଡି ଭଙ୍ଗା ଉତ୍ସବ ବେଶ ଆକର୍ଷଣୀୟ ହୋଇଥିଲା। କେବଳ ଯୁବତୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ହାତକୁ ହାତ ଧରି ମାନବ-ପିରାମିଡ଼ ନିର୍ମାଣ ମାଧ୍ୟମରେ ତାହାକୁ ସୁଦୃଶ୍ୟ କରିଥିବା ବେଳେ ଦହି ହାଣ୍ଡି ଭାଙ୍ଗିଥିଲେ ସୁଶ୍ରି ତ୍ରିବେଣୀ ନାୟକ। ଏଥିରେ ପାରମ୍ପରିକ ସଙ୍ଗୀତ ଗାନ କରାଯିବା ସହିତ ଆଧୁନିକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ବୟସର ଭେଦଭାବ ଭୁଲି ସମସ୍ତେ ହୋଲି ଗୀତ ଗାଇଥିଲେ। କୌଣସି ରାସାୟନିକ ରଙ୍ଗ ସେଥିରେ ବ୍ୟବହାର କରାଯାଇନଥିଲା। ହଳଦୀ ଓ ଚନ୍ଦନ ସହିତ ଅବିର କେବଳ ବ୍ୟବହାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶିର ମହାପାତ୍ର, ଉମାକାନ୍ତ ପାଣ୍ଡି, ସୋନାଲି ପ୍ରିୟଦର୍ଶିନୀ, କମଳ କୁମାର ସାହୁ, ସରଳା ନନ୍ଦ, ପ୍ରଭାସରଞ୍ଜନ ଦାସ, ନେହେରୁ ସେନାପତି, ସୁମନ୍ତ ସ୍ୱାଇଁ, କମଳ ମହାନ୍ତି, ରଞ୍ଜିତ ଧଳ, ଚନ୍ଦନ ନାୟକ ଓ ପ୍ରଶାନ୍ତ ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅତ୍ୟନ୍ତ ଶାନ୍ତି ଶୃଙ୍ଖଳା ସହ ପୁରୁଷ ଓ ମହିଳାମାନେ ପରସ୍ପର ମଧ୍ୟରେ ଫଗୁ ପକାଇ ନୃତ୍ୟ ପରିବେଷଣ କରିଥିଲେ।

# ମିରାମ୍ବିକାର ବିଶ୍ୱ ମହିଳା ଦିବସ ଅଭିପ୍ସା-୨୦୨୦

ଭୁବନେଶ୍ୱର (ପିଏନ୍): ରାଜ୍ୟର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଆମ ଗାଁ, ଆମ ମା, ଆମ ମିରାମ୍ବିକାର ସ୍ଲୋଗାନ ନେଇ ଭୁବନେଶ୍ୱରସ୍ଥିତ ନ୍ୟୁ ମାରିଅନଠାରେ ଅଭିପ୍ସା-୨୦୨୦ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ଓ ଶିଶୁକଲ୍ୟାଣ ଏବଂ ମିଶନଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଯୋଗଦେଇ ମହିଳାମାନେ ଉନ୍ନତି କଲେ ରାଜ୍ୟର ବିକାଶ ହେବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓଟିଡ଼ିସି ଅଧ୍ୟକ୍ଷ ଶ୍ରୀମତୀ ଶ୍ରୀମୟୀ କର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀମତୀ ପଦ୍ମଜା ମିଶ୍ର, ବ୍ୟାଙ୍କ ଅଫ ଇଣ୍ଡିଆର ଜୋନାଲ ମ୍ୟାନେଜର ୱାଇ.ଏନ୍. ଦ୍ୱିବେଦୀ, ପବ୍ଲିକ ଏଣ୍ଟରପ୍ରାଇଜେସର ଆଡ଼ିସନାଲ ସେକ୍ରେଟାରୀ ପାର୍ଥସାରଥୀ ମିଶ୍ର, ଓଡ଼ିଶା ପବ୍ଲିକ ସର୍ଭିସ କମିଶନର ଅଧ୍ୟକ୍ଷ ବ୍ରିଗେଡ଼ିୟର ଏଲ୍.ସି. ପଟ୍ଟନାୟକ, ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ଅକ୍ଷୟ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ମହିଳା ଆଇ.ଏ.ଏସ୍ ତଥା ନୟାଗଡ଼ ଜିଲ୍ଲାପାଳ ପୋମା ଟୁଡୁ, ଡ଼ିସିପି ସାଗରିକା ନାଥ, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଏଲିଆନା ସିତାରିଷ୍ଟ, ଡଃ ଅର୍ପିତା ପ୍ରିୟଦର୍ଶିନୀ, ସରକାରୀ ମହିଳା ଶିଳ୍ପ ତାଲିକା ଅଧ୍ୟକ୍ଷା ଜିତାମିତ୍ର ଶତପଥୀ, ଆଥଲେଟ ପୂର୍ଣ୍ଣିମା ହେମ୍ବ୍ରମ, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ସମାଜସେବୀ ସୁକୃତି ପଟ୍ଟନାୟକ, ସାମ୍ବାଦିକା ତଥା ଉଦ୍‌ଘୋଷିକା ଦିକ୍ଷା ତିୱାରୀ, ଏସ୍‌ଏସ୍‌ଡ଼ି ମହାସଂଘର ସମ୍ପାଦିକା ଟିକିନା ସାହୁ, ନାରାୟଣ ସ୍କୁଲ୍‌ର ଅଧ୍ୟକ୍ଷା ସଙ୍ଗୀତା କାଞ୍ଚନ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ମିରାମ୍ବିକାର ପ୍ରତିଷ୍ଠାତା ଅଧ୍ୟକ୍ଷ ଜୀବନଜ୍ୟୋତି ବାରିକ ୫୦ ହଜାର ମହିଳାଙ୍କୁ ସ୍ୱାବଲମ୍ବୀ କରିଥିବାବେଳେ ଆଗାମୀ ବର୍ଷରେ ୫ ଲକ୍ଷ ମହିଳାଙ୍କୁ ସ୍ୱାବଲମ୍ବୀ କରିବାର ଯୋଜନା ଅଛି ବୋଲି ପ୍ରକାଶ କରିଥିଲେ। ଶେଷରେ ମିରାମ୍ବିକାର ଉପଦେଷ୍ଟା ସୁରେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ସଭାପତି ଶ୍ରୀମତୀ ଗୀତାଞ୍ଜଳି ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଏହି ଉପଲକ୍ଷେ ଏକ ପ୍ରଚାର ରଥ କରାଯାଇଥିଲା, ଯେଉଁ ରଥର ଉଦ୍‌ଘାଟନ କରିଥିଲେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ। ରଥରେ କରୋନା ସଚେତନତା ଉପରେ ଉପାଦେୟ ଲେଖାମାନ ପ୍ରଦର୍ଶିତ ହୋଇଥିଲା। ମହିଳା କଂଗ୍ରେସ ନେତୃବୃନ୍ଦ ଏହି ରଥ ସହ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇ ସେଠାରେ କରୋନା ସଚେତନତା ଉପରେ ପ୍ରଚାର ପତ୍ର ବଣ୍ଟନ କରିଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ବିଶ୍ୱ ମହିଳା ଦିବସ ଉପଲକ୍ଷେ କହିଥିଲେ ଯେ, ଦେଶ ଓ ରାଜ୍ୟରେ ଏବେ ମହିଳା ଅସୁରକ୍ଷିତ। ବିଜେପି ଓ ବିଜେଡ଼ି ସରକାର ମହିଳା ସଶକ୍ତିକରଣ ଉପରେ ଡ଼ିଣ୍ଡିମ ପିଟୁଛନ୍ତି, ମାତ୍ର ଆମ ରାଜ୍ୟରେ ଦିନକୁ ୬ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ମହିଳା ସୁରକ୍ଷା ଆଜିର ଦିନରେ ସମସ୍ତଙ୍କ ପାଇଁ ଆହ୍ୱାନ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ, ମନୋରଞ୍ଜନ ଦାଶ, ରଶ୍ମି ମହାପାତ୍ର, ସ୍ୱାଧୀନବାଳା ଦାସ, ଉମାରାଣୀ ପାତ୍ର, ସିପ୍ରା ସେନାପତି, କୁମୁମ ପ୍ରଧାନ, ଶ୍ରେୟା ପଣ୍ଡା, ଶ୍ରୀୟା ମହାନ୍ତି, ସୁବ୍ରତ ମହାପାତ୍ର, ଗାନ୍ଧି ଜେନା, ସୁଶାନ୍ତ ତ୍ରିପାଠୀ, ଜୟକୃଷ୍ଣ ସୁବୁଦ୍ଧି, ରସିକ ପଟ୍ଟନାୟକ, ରାଜକିଶୋର ବାରିକ, ଅଶୋକ ଦାସ, ସଞ୍ଜୟ ନାୟକ, ଆଶିଷ ମଲ୍ଲିକ, ମନୋଜ ସାହୁ, ପ୍ରସନ୍ନ ନାୟକ, ଅକ୍ଷୟ ଦାସ, ଦେବରାଜ ମିଶ୍ର, ମାନସୀ ସେଠୀ, ଶିବନ ମୁସାରଫ, ଲୁଲୁ ଅହମଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଘାତକ ମ୍ୟାଲେରିଆ ମୁକାବିଲା



ଆଜି ନଭେମ୍ବର ୧୧ ତାରିଖ ଜାତୀୟ ବାତଜ୍ୱର ଫାଇଲେରିଆ ନିରାକରଣ ଦିବସ। ଏ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁ ଏଚ୍ଓ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମ୍ୟାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ସବୁଠାରୁ ଅଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ। ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମ୍ୟାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମ୍ୟାଲେରିଆ ଆକ୍ରାନ୍ତ ଓ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମ୍ୟାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରିବା ଉଚିତ। ବିଶ୍ୱର ସର୍ବାଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି। ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମ୍ୟାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେହି ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାରେ ସଫଳ ହୋଇପାରି ନାହିଁ। ୨୦୦୦ ମସିହାରୁ ୨୦୧୬ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୮୧ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ୨୦୧୮ ଶେଷ ବେଳକୁ ଯାଇ ଭାରତ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି। ଶ୍ରୀଲଙ୍କା ମଧ୍ୟ ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର। ଭାରତରେ ଏବେ ବି ମ୍ୟାଲେରିଆର ପ୍ରକୋପ ଭୟଙ୍କର। କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମ୍ୟାଲେରିଆ ପ୍ରବଣ। ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମ୍ୟାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ। ଅନେକ ହୁଏତ ଜାଣିନଥାନ୍ତି ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ। ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ। ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମ୍ୟାଲେରିଆଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମ୍ୟାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମ୍ୟାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମ୍ୟାଲେରିଆପ୍ରବଣ ହୋଇପଡୁଛି। ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା-ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମ୍ୟାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ। ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମ୍ୟାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍ସିତ ସୁଫଳ ମିଳି ନାହିଁ। ମ୍ୟାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି। ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମ୍ୟାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭**

# ରାଉରକେଲା ପ୍ରତି ଅବହେଳା ଓ ଅବିଚାରକୁ ନେଇ କଂଗ୍ରେସର ଗଣସତ୍ୟାଗ୍ରହ

ରାଉରକେଲା (ପିଏନ୍): ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ରାଉରକେଲା ପ୍ରତି ଚରମ ଅବହେଳା ଓ ଅବିଚାରର ପ୍ରତିବାଦରେ କଂଗ୍ରେସ ତରଫରୁ ଏକ ୧୨ ଘଣ୍ଟିଆ ଗଣସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ପାନପୋଷ ସ୍ଥିତ ଗାନ୍ଧୀଛକଠାରେ ଏହି ସତ୍ୟାଗ୍ରହ ସକାଳ ୬ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ବରିଷ୍ଠ ନେତା ପ୍ରଶାନ୍ତ ସେଠୀ ଓ ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ଦେବବ୍ରତ ବିହାରୀ, ପ୍ରଭାତୀ ମିଶ୍ର, ସନ୍ତୋଷ ବିଶ୍ୱାଳ ଓ ଜ୍ୟୋତି ଡୁଙ୍ଗଡୁଙ୍ଗ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂ, ଓବିସି ଅଧ୍ୟକ୍ଷ କୈଳାସ ସାହୁ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, କୀର୍ତ୍ତନ ଦାସ, ଲାଠିକଟା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଚାମରୁ ତିର୍କୀ, ପ୍ରମୋଦ ପ୍ରଧାନ, ସଂଖ୍ୟାଲଘୁ ନେତା ସାହିଦ ଆଲମ ପ୍ରମୁଖ ବକ୍ତବ୍ୟ ରଖି ନବୀନବାବୁଙ୍କ ସରକାର କିପରି ସେଲ୍ ଗ୍ୟାରେଜ୍, ରିଂ ରୋଡ, ବାଲୁଘାଟ ହୋଲସେଲ୍ ମଣ୍ଡି, ହକି ନର୍ସରୀ, ଓ ମେଡିକାଲ କଲେଜ ଇତ୍ୟାଦିର ଶିଳାନ୍ୟାସ କରି ରାଉରକେଲାବାସୀଙ୍କୁ ପ୍ରତାରିତ କରିଛନ୍ତି, ସେ ସମ୍ପର୍କରେ ପ୍ରକାଶ କରି ତୁରନ୍ତ ସେଗୁଡିକ ଆରମ୍ଭ କରିବା ପାଇଁ ଦାବି କରିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାକୁ ଏକ ସରକାରୀ ମେଡିକାଲ କଲେଜରେ ପରିଣତ କରିବା, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଏବଂ ସୁନ୍ଦରଗଡ ଜିଲ୍ଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବକ୍ତାମାନେ ଏହି ଅବସରେ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଘୋଷଣା ମୁତାବକ ଜାଭିଏର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ତୁରନ୍ତ ରାଉରକେଲାରେ ପ୍ରତିଷ୍ଠା କରିବାକୁ ଦାବି କରି ଡିଏମ୍‌ଏଫ୍ ଫଣ୍ଡରେ ପାନପୋଷଠାରେ ଆଉ ଏକ ସେତୁର ନିର୍ମାଣ ଓ ବର୍ତ୍ତମାନ ସେତୁର ମରାମତି, ନିର୍ମାଣାଧିନ ବ୍ରାହ୍ମଣୀ ସେତୁ ଓ ବୀରମିତ୍ରପୁର-ବାରକୋଟ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ବେଦବ୍ୟାସ ପୀଠର ଆବଶ୍ୟକୀୟ ବିକାଶ ପାଇଁ ଦାବି କରିଥିଲେ। କଂଗ୍ରେସ କର୍ମକର୍ତ୍ତା ଶୋଭା ସିଂ, କଲ୍ୟାଣୀ ପୂର୍ତ୍ତି, କଳ୍ପତରୁ ପଣ୍ଡା, ସରୋଜ ଜେନା, ଜୟଶଙ୍କର ନନ୍ଦ, ଯୁବନେତା ଜ୍ଞାନେନ୍ଦ୍ର ଦାସ, ପଦ୍ମିନୀ ସିଂ, ଦିଲ୍ଲୀପ ଲାହିରି ପ୍ରମୁଖ ବକ୍ତବ୍ୟ ରଖି ତୁରନ୍ତ ପ୍ରଧାନମନ୍ତ୍ରୀ ଆୱାସ ଯୋଜନା କାର୍ଯ୍ୟକାରୀ କରିବା, ସ୍ୱିରେଜ ବୋର୍ଡ ଦ୍ୱାରା ଚାଲିଥିବା ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ରାସ୍ତାଘାଟକୁ ଠିକ୍ କରିବା, ଜଳ ଯୋଗାଣ ଓ ବିଦ୍ୟୁତ୍ ଯୋଗାଣରେ ସୁଧାର ଆଣିବା ତଥା ସହରର ପରିବେଶକୁ ଠିକ୍ କରି ବାୟୁ ଓ ଜଳ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଉପରେ ବକ୍ତବ୍ୟ ରଖି ନବୀନବାବୁଙ୍କ ସରକାର ଏ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ଦାବି କରିଥିଲେ। ଶ୍ରୀ ତିର୍କୀ ତାଙ୍କ ଅଭିଭାଷଣରେ ତୁରନ୍ତ ମହାନଗର ନିଗମ ନିର୍ବାଚନ କରି ରାଉରକେଲାବାସୀଙ୍କୁ ମୌଳିକ ସେବା ଓ ସୁବିଧା ଯୋଗାଇଦେବା ସହିତ ରାଉରକେଲାରେ ନୂତନ ରେଳ ଡିଭିଜନ ପ୍ରତିଷ୍ଠା, ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ଓ ବିମାନ ବନ୍ଦର ଚାଲୁ କରିବା ପାଇଁ ଦାବି କରି ସମସ୍ତ ୨୧ଟି ପ୍ରସଙ୍ଗକୁ ନେଇ ଆଗାମୀ ଦିନରେ କଂଗ୍ରେସ ବ୍ୟାପକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲେ। ସେହିଭଳି ଭିଜିଲାନ୍ସରେ ଆଗତ ସେଣ୍ଟ୍ରାଲ ପାର୍କ, ବିଜୁ ଯୁବବାହିନୀ, ବ୍ରାହ୍ମଣୀ ନଦୀ ଉତ୍ସବ ଓ ସ୍ମାର୍ଟସିଟି ଅର୍ଥ ଲୁଟ୍ ଘଟଣାର ତୁରନ୍ତ ତଦନ୍ତ ପାଇଁ ଶ୍ରୀ ତିର୍କୀ ଦାବି କରିବା ସହିତ ଯୋଗାଣ ବିଭାଗର ଚାଉଳ ଚୋରି ଘଟଣାର ପର୍ଦ୍ଦାଫାସ ଉପରେ ଗୁରୁତ୍ୱାରୋପ କରିଥଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଂଜନ ମହାନ୍ତି, ସରୋଜ ଲେଙ୍କା, ସରସ୍ୱତୀ ଭୂମିଜ, ରଂଜନ ଓଝା, କାର୍ତ୍ତିକ ବେଉରିଆ, ସୁମନ୍ତ ମହାପାତ୍ର, ଲୋକନାଥ ଭୂମିଜ, ବିଲୁ ସିଂହ, ବିଜୟ ଆପଟ୍ଟ, ଜିତେନ୍ଦ୍ର ଦାସ, ସିଦ୍ଧେଶ୍ୱର ମଲ୍ଲିକ, ଶଙ୍କର ଦାସ, ସୁଧୀର ନାଥ, ଧର୍ମେନ୍ଦ୍ର ପରମାର, ବୁଲୁ ଦାସ, ମୋଚ୍ଛୁ ସାହୁ, ଶିବୁ ଓରାମ, ରତିକାନ୍ତ ମଲ୍ଲିକ, ସୁନୀଲ ସିଂହ, ଏମ୍‌ଡି ନଜମୁଦ୍ଦିନ, ବିଜୟ ସାହୁ, ରାଜେନ୍ଦ୍ର ରଜାକ, ନରେନ୍ଦ୍ର ବର୍ମା, ସୁନୀଲ ପଟ୍ଟନାୟକ, ସାଜିଦ ଅହମ୍ମଦ, ଅଂଜନ ବେହେରା, ଯୁବନେତା ବିଶ୍ୱଭୂଷଣ ସର, ଶୁକଦେବ ପଣ୍ଡା, ବିଶ୍ୱଜିତ ସାହୁ, ମୀନକେତନ ଜେଠୀ, ଦେବେନ୍ଦ୍ର ଥାଟ୍ଟୋଇ, ଏମ୍‌ଡି ମୀରାଜ, ଅସଲାମ ପରଭେଜ, ପବନ ସାହୁ, ଧନଂଜୟ ମୁଣ୍ଡା, ଦିଲ୍ଲୀପ ଜେନା, ରାଜେଶ ପତି, ଶ୍ରୀକାନ୍ତ ବେହେରା, ଦୀପକ ବଡାଇକ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ରବୀନ୍ଦ୍ର ଦାସ, ସୁଦର୍ଶନ ଗୌଡ, ଶରତ ବେହେରା, ଗୀତା ସାହୁ, ଉମା ସାହୁ ପ୍ରମୁଖଙ୍କ ସମେତ ଦୁଇଶହରୁ ଅଧିକ କର୍ମକର୍ତ୍ତା ଓ କର୍ମୀ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖିଳ ଓଡ଼ିଶା ଟ୍ରେଜେରୀ ଅମଲା ସଂଘର ପ୍ରତିବାଦ ସଭା

ଭୁବନେଶ୍ୱର (ପିଏନ୍): ରାଜ୍ୟର ଟ୍ରେଜେରୀରେ କାର୍ଯ୍ୟରତ ଅମଲାମାନେ ଦୀର୍ଘଦିନ ହେଲା କର୍ତ୍ତୃପକ୍ଷଙ୍କର ଅବହେଳାର ଶିକାର ହୋଇ ଚାଲିଛନ୍ତି। ବହୁବର୍ଷ ଧରି ସେମାନଙ୍କର ସର୍ବନିମ୍ନ ଦାବି ପୂରଣ କରିବାରେ କର୍ତ୍ତୃପକ୍ଷଙ୍କର ଟାଳଟୁଳ ନୀତି କର୍ମଚାରୀମାନଙ୍କୁ ହତାଶ କରିଛି। କ୍ୟାଡ଼ର ପୁନଃଗଠନ ଜରିଆରେ ପଦପଦବୀର ନାମ ପରିବର୍ତ୍ତନ ଓ ଠିକ୍ ସମୟରେ ପଦୋନ୍ନତି ନିମନ୍ତେ ନିର୍ଦ୍ଦିଷ୍ଟ ସରକାରୀ ନିର୍ଦ୍ଦେଶନାମା ଥିଲେ ମଧ୍ୟ ଟ୍ରେଜେରୀ କର୍ମଚାରୀମାନେ ସେଥିରୁ ବଞ୍ଚିତ ହେଉଛନ୍ତି। ବଦଳି ଡ଼ର କର୍ମଚାରୀମାନଙ୍କୁ ନିରାଶ କଲାବେଳେ କଥାକଥାକେ ଅକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ସେମାନଙ୍କ ଗଣତାନ୍ତ୍ରିକ ଚେତନାବୋଧକୁ କୁଠାରାଘାତ କରିଚାଲିଛି। ୧୩ ଜିଲ୍ଲାରୁ ୩୦ ଜିଲ୍ଲା ହେଲାବେଳେ ଜନସାଧାରଣଙ୍କୁ ଦ୍ୱାରଦେଶରେ ସେବା ଯୋଗାଇବା ପାଇଁ ନିଯୁକ୍ତ ପ୍ରାୟ ୧୮୦୦ କର୍ମଚାରୀଙ୍କ ସଂଖ୍ୟା ୫୩୫କୁ ହ୍ରାସ କରି ଗୁଣାତ୍ମକ ସେବା କ୍ଷେତ୍ରରେ ପ୍ରତିବନ୍ଧକ ତିଆରି କରାଯାଉଛି। କମ୍ପ୍ୟୁଟରୀକରଣ ଭିତ୍ତିଭୂମିକୁ ଉନ୍ନତିକରଣ କରାଯାଉନାହିଁ। କର୍ମଚାରୀମାନଙ୍କୁ ଆବଶ୍ୟକତାଭିତ୍ତିକ ପ୍ରଶିକ୍ଷଣ ଦିଆଯାଇ ପାରୁନାହିଁ। ଖାଲି ପଡ଼ିଥିବା ପଦବୀ ପୂରଣ ହୋଇପାରୁନାହିଁ। କିନ୍ତୁ ବହୁ ନୂଆ ନୂଆ କାର୍ଯ୍ୟକ୍ରମ କର୍ମଚାରୀମାନଙ୍କ ଉପରେ ଲଦି ଦିଆଯାଉଛି। ଫଳତଃ କର୍ମଚାରୀମାନେ ମାନସିକ ଓ ପାରିବାରିକ କ୍ଷେତ୍ରରେ ସନ୍ତୁଳନ ରକ୍ଷାକରିପାରୁନାହାଁନ୍ତି। ମହିଳା କର୍ମଚାରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରତୀକ୍ଷାଳୟ ଓ ନିର୍ଯାତନା ପ୍ରତିକାର ପ୍ରକୋଷ୍ଠ ବ୍ୟବସ୍ଥା, ମାର୍ଚ୍ଚ ମାସର କଠିନ କାର୍ଯ୍ୟଭାର ନିମନ୍ତେ ସ୍ୱତନ୍ତ୍ର ଭତ୍ତା ଭାବେ ୧୦ ଦିନର ଦରମା, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ କର୍ମଚାରୀଙ୍କ ମୂଳ ବେତନ ପ୍ରଦାନ ଆଦି ଦାବି ନେଇ ଆଗାମୀ ୧୧ ତାରିଖରୁ ୧୩ ତାରିଖ ତିନିଦିନ ଧରି କଳାବ୍ୟାଚ୍ ପରିଧାନ ସହ ମଧ୍ୟାହ୍ନ ଭୋଜନ ବିରତି ସମୟରେ ସମସ୍ତ ଜିଲ୍ଲା କୋଷାଗାରରେ ବିକ୍ଷୋଭ ପ୍ରଦର୍ଶନ କରିବା ନିମନ୍ତେ ନିଖିଳ ଓଡ଼ିଶା ଟ୍ରେଜେରୀ ଅମଲା ସଂଘ ଡାକରା ଦେଇଛି।





## DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ



ପର୍ଯ୍ୟବେକ୍ଷକ

PARYABEKHYAK






## ଓଡିଶାରେ ସଡକ ଦୁର୍ଘଟଣା ରୋକିବା ଲାଗି ଆଇଏସ୍ଆଇ ହେଲ୍‌ମେଟ୍‌ର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି

ଭୁବନେଶ୍ୱର: ଦେଶର ଅଗ୍ରଣୀ ସଡକ ସୁରକ୍ଷା ସଂସ୍ଥା – ଟ୍ରାକ୍ସ ଓ ଭାରତରେ ସଡକ ସୁରକ୍ଷା ଦିଗରେ ନିର'ର କାର୍ଯ୍ୟ କରୁଥିବା ହେଲ୍‌ମେଟ୍ ନିର୍ମାଣକାରୀ ସଂଘ ରାଜ୍ୟରେ ଯାନବାହନ ନିୟମର କଡାକଡି ଭାବେ ଲାଗୁ କରିବା ନେଇ ଓଡିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଏଥିରେ ଚାଳକଙ୍କ ପାଇଁ ଆଇଏସ୍ଆଇ ହେଲ୍‌ମେଟ୍‌ର ଉପଯୋଗକୁ ବାଧ୍ୟତାମୂଳକ କରିବା ନିୟମ ମଧ୍ୟ ସାମିଲ ରହିଛି । ରାଜ୍ୟରେ ଦୈନନ୍ଦିନ ଯାତାୟତ ପାଇଁ ଦୁଇଚକିଆ ଯାନର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖିଲେ ଏହି ପଦକ୍ଷେପ ପ୍ରଶଂସାଯୋଗ୍ୟ ଏବଂ ଏଭଳି ଏକ ସାହସିକ ପଦକ୍ଷେପ ନିଶ୍ଚିତ ରୂପେ ଦୁଇଚକିଆ ଚାଳକଙ୍କୁ ମାରାତ୍ମକ ସଡକ ଦୁର୍ଘଟଣାରୁ ରକ୍ଷା ପାଇବାରେ ସହଯୋଗ କରିବ ।ରାଜ୍ୟ ସରକାର ଗତ ନଭେମ୍ବର ୨୮ ତାରିଖରେ ସଂଶୋଧିତ ମୋଟର ଯାନନ ଆଇନ୍ ଅଧୀନରେ ନୂଆ ଟ୍ରାଫିକ୍ ନିୟମ ଲାଗୁ କରିବାର ସମୟସୀମାରେ ୩ ମାସ ବୃଦ୍ଧି କରିଥିଲେ; ଯାହାକି ଫେବୃଆରୀ ୨୯ ତାରିଖ ୨୦୨୦ରେ ଶେଷ ହୋଇଛି । ଏହି ନିୟମ ଅନୁଯାୟୀ, ଦୁଇଚକିଆ ଯାନ ଚାଳକଙ୍କ ପାଇଁ ହେଲ୍‌ମେଟ୍ ଓ କାର୍ ଚାଳକ ତଥା ଯାତ୍ରୀଙ୍କ ପାଇଁ ସିଟ୍ ବେଲ୍ଟ ବାଧ୍ୟତାମୂଳକ କରାଯାଇଛି । ୩ ମାସର ସମୟସୀମା ପରେ ମୋଟର ଯାନ ଆଇନ୍ ଅଧୀନରେ ଟ୍ରାଫିକ୍ ନିୟମ ପୁଣିଥରେ ଆଜିଠାରୁ ଅର୍ଥାତ୍ ୧ ମାର୍ଚ୍ଚ ୨୦୨୦ରେ କଡ଼ାକଡି ଭାବେ ଲାଗୁ କରାଯାଇଛି ଏବଂ ନିୟମର ପାଳନ ନକରିବା ସ୍ଥିତିରେ ଚାଲାଣ କଟାଯିବାର ନିୟମ ରହିଛି । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଉପରେ ମତ ରଖି ସମାଜସେବୀ ଓ ସଡକ ସୁରକ୍ଷା ସଂଗଠନ ଟ୍ରାକ୍ସର ସଦସ୍ୟ, ରଜନୀ ଗାନ୍ଧୀ କହିଛନ୍ତି, ସଡକ ଦୁର୍ଘଟଣା ତଥ୍ୟ ମୁତାବକ, ଭାରତରେ ମାରାତ୍ମକ ସଡକ ଦୁର୍ଘଟଣା କ୍ଷେତ୍ରରେ ଓଡିଶା ଦ୍ୱାଦଶ ସ୍ଥାନରେ ରହିଛି । ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ମୋଟ ୨୨୦୦୦ ସଡକ ଦୁର୍ଘଟଣା ଘଟିଛି । ୨୦୧୭ରେ ଏହି ସଂଖ୍ୟା ୧୦୮୫୫ ଓ ୨୦୧୮ରେ ୧୧୨୬୨ ରହିଥିଲା । ସେହିପରି ୨୦୧୭ରେ ଓଡିଶାରେ ୪୩୭୨ଟି ଓ ୨୦୧୮ରେ ୪୮୬୧ଟି ମାରାତ୍ମକ ସଡକ ଦୁର୍ଘଟଣା ଘଟିଛି । ଏହାମଧ୍ୟରୁ ହେଲ୍‌ମେଟ୍ ନପିନ୍ଧିବା କାରଣରୁ ମୋଟ ୧୩୪୧ ଜଣ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୧୮୨ ଜଣ ଆହତ ହୋଇଛନ୍ତି ଓ ବାଇକ୍ ପଛରେ ବସିଥିବା ମୋଟ ୮୩୮ ଜଣ ଚାଳକ ପ୍ରାଣ ହରାଇଥିବା ବେଳେ ୧୯୭୦ ଜଣ ଆହତ ହୋଇଛନ୍ତି । ଦୁଇଚକିଆଯାନ ହେଲ୍‌ମେଟ୍ ନିର୍ମାତା ସଂଘର ଅଧ୍ୟକ୍ଷ ରାଜୀବ କପୁରଙ୍କ କହିବା ମୁତାବକ, ହେଲ୍‌ମେଟ୍ ପିନ୍ଧିବା ଦ୍ୱାରା ଗଭୀର ଆହତ ହେବାର ବିପଦ ୭୨% କମିଯାଇଥାଏ ଓ ମୃତ୍ୟୁ ହେବାର ବିପଦ ୩୯% କମିଯାଇଥାଏ । ଅଣ ଆଇଏସ୍ଆଇ ଓ ନକଲି ଆଇଏସ୍ଆଇ ହେଲ୍‌ମଟ୍‌ର ଉପଯୋଗକୁ ରୋକିବା ଏକ ବଡ ସମସ୍ୟା । ଆମେ ରାଜ୍ୟ ସରକାରଙ୍କୁ ଏଦିଗରେ ସହଯୋଗ କରିବୁ ଏବଂ ରାଜ୍ୟରେ ଯେଭଳି ଆଇଏସ୍ଆଇ ହେଲ୍‌ମେଟ୍ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ରହିବ ତାହା ନିଶ୍ଚିତ କରିବୁ ।

## ଭାରତରେ ରଗ୍‌ବିର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ଜାଇକା ସ୍ୱେଚ୍ଛାସେବୀ

ନୂଆଦିଲ୍ଲୀ : ଓଡ଼ିଶାରେ ରଗ୍‌ବି କୋଚିଂ ଦେବା ପାଇଁ ଜାପାନ ଇଂଟରନ୍ୟାସନାଲ୍ କୋପରେଶନ୍ ଏଜେନ୍ସି(ଜେଆଇସିଏ) ପକ୍ଷରୁ ପୁଣି ୮ ଜଣ ସ୍ୱେଚ୍ଛାସେବୀଙ୍କୁ ଫେବୃୟାରୀ ୧୭ରେ ଭାରତ ପଠାଯାଇଛି । ସେମାନେ ଦେଶରେ ଖେଳ ଦକ୍ଷତା ଏବଂ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିବେ । ଜାପାନ ଓଭରସିଜ୍ କୋପରେଶସନ୍ ଭଲ୍ୟୁଟଂରର୍ସ (ଜେଓସିଭି) ଅ'ର୍ଜାତୀୟସ୍ତରୀୟ ଅଭିଜ୍ଞତାର ପାରସ୍ପରିକ ଭାବର ଆଦାନପ୍ରଦାନ ମାଧ୍ୟମରେ ଭାରତ ଏବଂ ଜାପାନ ମଧ୍ୟରେ ଏକ ସହଭାଗିତା ସୃଷ୍ଟି କରିବାକୁ ସକ୍ଷମ ହେବେ । ଏହି ନୂଆ ସ୍ୱେଚ୍ଛାସେବୀମାନେ ଆସିବା ଦ୍ୱାରା ଭାରତରେ ଜାଇକା ସେଚ୍ଛାସେବୀଙ୍କ ସଂଖ୍ୟା ୨୮କୁ ବୃଦ୍ଧି ପାଇଛି । ସେମାନେ ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା, ହିମାଚଳପ୍ରଦେଶ, ଗୁଜରାଟ, ଦିଲ୍ଲୀ, ପଶ୍ଚିମବଙ୍ଗ, ଉତରାଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶ ଆଦି ୧୦ଟି ରାଜ୍ୟରେ କାର୍ଯ୍ୟ କରୁଛନ୍ତି । ନୂଆ ୮ଜଣ ଜେଓସିଭି ବିଶ୍ୱବିଦ୍ୟାଳୟସ୍ତରୀୟ ଅଂଶୀଦାର କାର୍ଯ୍ୟକ୍ରମ ଅନ୍ତର୍ଗତ ଜାଇକାର କାନସାଇ ସେଂଟର ଏବଂ ଦୋଶିଶା ବିଶ୍ୱବିଦ୍ୟାଳୟ ସହାୟତାରେ କାର୍ଯ୍ୟ କରିବେ ।

## ପରିବେଶ ସୁରକ୍ଷା ବିନା ଶିଳ୍ପ ଜଗତ ତିଷ୍ଠି ରହିବା କଷ୍ଟକର: ଶିଳ୍ପ ମନ୍ତ୍ରୀ




ଭୁବନେଶ୍ୱର: ଏକ ନିର'ର ଭବିଷ୍ୟତ ଲାଗି ପରିବେଶ ସୁରକ୍ଷା ନିହାତି ଜରୁରୀ ବୋଲି ରାଜ୍ୟ ଗୃହ, ଶିଳ୍ପ, ଏମ୍ଏସ୍ଏମଇ ଓ ଶକ୍ତି ବିଭାଗର ସମ୍ମାନନୀୟ ମନ୍ତ୍ରୀ ଶ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି । ଆଜି ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍ ଠାରେ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ର ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ପାଣିପାଗ ପରିବର୍ତନ ଉପରେ ଆୟୋଜନ କରାଯାଇଥିବା ଦ୍ୱିତୀୟ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ସେ କହିଛନ୍ତି ଯେ, ''ପରିବେଶ ସୁରକ୍ଷା ବିନା ଶିଳ୍ପ ଜଗତ ତିଷ୍ଠି ରହିବା ବହୁତ କଷ୍ଟକର । ଶିଳ୍ପ ସଂସ୍ଥାଗୁଡ଼ିକୁ ତିନିଟି ବିଷୟ ଉପରେ ଧ୍ୟାନ ଦେବାକୁ ପଡ଼ିବ । ତାହା ହେଉଛି ନିଜେ ନିର'ର ରହିବା, ପରିବେଶ ଅନୁକୂଳ ପଦକ୍ଷେପ ଗ୍ରହଣ କରିବା ଏବଂ ବର୍ଜ୍ୟବସ୍ତୁର ସମ୍ପୂର୍ଣ୍ଣ ପରିଚାଳନା କରିବା । ଜଙ୍ଗଲ, ପରିବେଶ, ଜଳ ଓ ବାୟୁର ମାନକୁ ସୁରକ୍ଷା ପ୍ରଦାନ କରିବାରେ ଶିଳ୍ପ ଜଗତକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ପରିବେଶ ସୁରକ୍ଷାକୁ ନେଇ ଯେଉଁ ନିୟମ ରହିଛି ତାହାକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ସେ ଶିଳ୍ପ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଓଡ଼ିଶା ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାକୁ ଚାହୁଁଛି କିନ୍ତୁ ସେଥିପାଇଁ ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ ନୁହେଁ । ଆମେ ପାବ ଭଳି ବିକାଶ ଚାହୁଁନାହୁଁ ଯେଉଁଠାରେ ଏବେ ଦିନକୁ ଗୋଟିଏ ସ୍ୱତନ୍ତ୍ର କ୍ୟାନସର ଟ୍ରେନ୍ ମୁମ୍ବାଇ ଯାତ୍ରା କରୁଛି । ସେଭଳି ବିକାଶ ଆମର ଦରକାର ନାହିଁ । ଆମକୁ ମାନବ ଜାତି ସହିତ ଜୀବ ଜଗତକୁ ସୁରକ୍ଷା ଦେବାକୁ ହେବ ଏବଂ ଏହି ଦୁନିଆକୁ ଏକ ନିର'ର ବିଶ୍ୱରେ ପରିଣତ କରିବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ । ଏହି ଲକ୍ଷ୍ୟ ହାସଲ କରିବାରେ ଶିଳ୍ପ ଜଗତକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ପରିବେଶ, ଜଙ୍ଗଲ ଓ ପାଣିପାଗ ପରିବର୍ତନ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଜେନେରାଲ ସୁବ୍ରତ ମହାପାତ୍ର ଜଳ ଓ ବାୟୁ ପ୍ରଦୂଷଣ ଏବଂ ଜଙ୍ଗଲରେ ଲାଗୁଥିବା ନିଆଁ କିଭଳି ଅଙ୍ଗାରକାମ୍ଳ ଗ୍ୟାସ୍ ବଢ଼ାଉଛି ସେହି ଉପରେ ଆଲୋଚନା କରିଥିଲେ । ସେ କହିଛନ୍ତି, ''ଆମ ଦେଶରେ ନଦୀ ଶଯ୍ୟାକୁ ଲୋକମାନେ ମାଡ଼ି ବସିଛନ୍ତି । ସେଥିପାଇଁ ଆଉ ବର୍ଷ ସାରା ନଦୀରେ ଜଳ ପ୍ରବାହ ଦେଖିବାକୁ ମିଳୁନାହିଁ । କେବଳ ୫-୬ ଦିନ ଲଗାତାର ବର୍ଷା ହେଲେ ନଦୀରେ ଯାହା ଜଳ ପ୍ରବାହିତ ହେଉଛି । ଅନ୍ୟଥା ଅଧିକାଂଶ ସମୟ ତାହା ଶୁଖିଲା ରହୁଛି । ଦେଶରେ ବାୟୁର ମାନ ମଧ୍ୟ ଏତେ ଭଲ ନାହିଁ । ଏହି ସବୁ ସମସ୍ୟାକୁ ଦୂର କରିବା ଲାଗି ବିଭିନ୍ନ ଅଂଶୀଦାରମାନେ ଅଲଗା ଅଲଗା ଭାବେ ନିଜସ୍ୱ ଉଦ୍ୟମ କରୁଛନ୍ତି । କିନ୍ତୁ ଏତେ ବଡ଼ ସମସ୍ୟାକୁ ଏହି ଭଳି ଭାବେ ସମାଧାନ କରିହେବ ନାହିଁ । ସମଗ୍ର ଦେଶକୁ ମିଳିତ ଉଦ୍ୟମ ଆରମ୍ଭ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି ।''ଆମେରିକା ଓ ଅଷ୍ଟ୍ରେଲିଆ ଭଳି ସ୍ଥାନରେ ଜଙ୍ଗଲରେ ଲାଗୁଥିବା ନିଆଁରୁ ସୃଷ୍ଟି ହେଉଥିବା ଅଙ୍ଗାରକାମ୍ଳ ଗ୍ୟାସ୍ ରାସ୍ତାରେ ଚାଲୁଥିବା ଗାଡ଼ିଗୁଡ଼ିକରୁ ବାହାରୁ ଥିବା ଧୂଆଁ ଠାରୁ ଅନେକ ମାତ୍ରା ଅଧିକ । ଆମେମାନେ ଯାନବାହନ ଜନିତ ପ୍ରଦୂଷଣ ରୋକିବାକୁ ବହୁତ ଉଦ୍ୟମ କରୁଥିବା ବେଳେ ଜଙ୍ଗଲ ନିଆଁ ପ୍ରତି ବିଶେଷ ଧ୍ୟାନ ଦେଉନାହୁଁ ବୋଲି ସେ କହିଛନ୍ତି ।ଏହି ଅବସରରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଏମ୍ ସି ଥୋମାସ କହିଛନ୍ତି ଯେ, ''ଅଙ୍ଗାରକାମ୍ଳ ଗ୍ୟାସରେ ଘଟୁଥିବା ବୃଦ୍ଧିର ବଡ଼ କାରଣ ହେଉଛି ଶିଳ୍ପାୟନ ଏବଂ ଜଙ୍ଗଲ କ୍ଷତି । ଅଙ୍ଗାରକାମ୍ଳ ଗ୍ୟାସ୍‌କୁ କମ୍ କରିବା ଲାଗି ଆ'ର୍ଜାତିକ ସଂଗଠନ ଏବଂ ଏଜେନ୍ସିଗୁଡ଼ିକ ଜରୁରୀକାଳୀନ ଆହ୍ୱାନ ଦେଇଛନ୍ତି । ଭାରତ ଏକ ବିକାଶଶୀଳ ଦେଶ ହୋଇଥିବାରୁ ଏହାର ଶକ୍ତି ଚାହିଦା ବଢୁଛି । ଏହି ଚାହିଦା ପୂରଣ କରିବା ବେଳେ ଆମକୁ ପରିବେଶ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି ।''ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ପରିବେଶ ଇନିୟର ଡକ୍ଟର ଏନ୍ ଆର ସାହୁ, ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକ ଡକ୍ଟର କେ ମୁରୁଗେସନ ଓ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର କୋର କମିଟି ସଦସ୍ୟ ଏସ୍ ଏସ୍ ଉପାଧ୍ୟାୟ ଉପସ୍ଥିତ ଥିଲେ ।

## ଆକାଶ ଇନଷ୍ଟିଚ୍ୟୁଟ୍ ୧୦ମ ରୁ ୧୨ଶ ଶ୍ରେଣୀର ଛାତ୍ରମାନଙ୍କ ପାଇଁ ନେଷ୍ଟ ସ୍କଲାରସିପ୍‌ର

ଦିଲ୍ଲୀ: ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍ଏଲ୍), ଡାକ୍ତର ଓ ଆଇଆଇଟିଆନ୍ ଆଶାୟୀଙ୍କ ନିମନ୍ତେ ଟେଷ୍ଟ ପ୍ରସ୍ତୁତି ସେବା ପ୍ରଦାନ କ୍ଷେତ୍ରରେ ଜାତୀୟ ସ୍ତରରେ ଅଗ୍ରଣୀ ସ୍ଥାନ ଗ୍ରହଣ କରିଛି । ଏହାର ସାରା ଦେଶରେ ୨୦୦ ଟି ସେଂଟର ରହିଛି । ଏହା ନ୍ୟାସନାଲ୍ ଏଲିଜିବିଲିଟି ଏଣ୍ଡ ସ୍କଲାରସିପ୍ ଟେଷ୍ଟ (ନେଷ୍ଟ) ସ୍କଲାରସିପ୍ ପରୀକ୍ଷା ପାଇଁ ବାର୍ଷିକ ସ୍କଲାରସିପ୍ ପରୀକ୍ଷାର ଦ୍ୱିତୀୟ ସଂସ୍କରଣର ଘୋଷଣା ଦଶମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରମାନଙ୍କ ପାଇଁ କରିଛନ୍ତି । ଯେଉଁ ଛାତ୍ରମାନେ ଦଶମରୁ ଦ୍ୱାଦଶକୁ ଯାଉଛନ୍ତି, ଏକାଦଶରୁ ଦ୍ୱାଦଶକୁ ଯାଉଛନ୍ତି ଓ ଦ୍ୱାଦଶ ପରୀକ୍ଷା ଦେଇଛନ୍ତି ବା ପାସ୍ କରିଛନ୍ତି (ପଢୁଛନ୍ତି ବା ତଦୁର୍ଦ୍ଧ) ସେମାନେ ନେଷ୍ଟ ଦେଇପାରିବେ ଓ ଏହା ଦେଶର ୨୪ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ଏପ୍ରିଲ୍ ୦୫, ୨୦୨୦ ରେ ଅନୁଷ୍ଠିତ ହେବ । ନେଷ୍ଟ ମାଧ୍ୟମରେ ଛାତ୍ରମାନେ ଜାତୀୟ ସ୍ତରରେ ପ୍ରତିଯୋଗୀତା କରିବାର ସୁଯୋଗ ପାଇପାରିବେ ଓ ଟ୍ୟୁସନ ଫିସର ୯୦% ପର୍ଯ୍ୟନ୍ତ ସ୍କଲାରସିପ୍ ଆକାରରେ ପାଇପାରିବେ । ଦଶମ ଓ ଦ୍ୱାଦଶ (ଉଭୟ ପଢ଼ୁଥିବା ଓ ପାସ୍ କରିଥିବା) ଛାତ୍ରମାନେ ଏହି ପରୀକ୍ଷାରେ ଭାଗ ନେଇ ପାରିବେ । ଆକାଶ ନେଷ୍ଟ ଜରିଆରେ, ଆର୍ଥିକ ପ୍ରତିବନ୍ଧକ ବିନା ଏଇଏସ୍ଏଲ୍ ର କୋଚିଂ ଜରିଆରେ ଛାତ୍ରମାନଙ୍କୁ ସକ୍ଷମ କରିବା ପାଇଁ ଲକ୍ଷ୍ୟ ରଖିଛି । ଶ୍ରୀଯୁକ୍ତ ଆକାଶ ଚୌଧୁରୀ, ଡାଇରେକ୍ଟର ଓ ସିଇଓ, ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ କହିଛନ୍ତି ଯେ 'ସଫଳତା ପାଇଁ, ଆପଣଙ୍କୁ ଲକ୍ଷ୍ୟ ଦିଗରେ ଅଗ୍ରସର ହେବାକୁ ହେବ ।

## ପେରିଟୋନିଆଲ୍ ଡାଏଲିସିସ୍: କିଡ୍‌ନୀ ରୋଗୀଙ୍କ ପାଇଁ ଏକ ସୁରକ୍ଷିତ ସମାଧାନ

ଭୁବନେଶ୍ୱର : ସମ୍ପ୍ରତି ପୃଥିବୀରେ ନନ୍-କମ୍ୟୁନିକେବୁଲ୍ ରୋଗ ସମସ୍ୟା ବଢ଼ିବାରେ ଲାଗିଛି । ଭାରତରେ ଏଭଳି ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି । ଏଭଳି ଏକ ରୋଗ ମଧ୍ୟରେ କ୍ରୋନିକ୍ କିଡ୍‌ନୀ ଡିଜିଜ୍(ସିକେଡି) ଏବେ ବହୁ ଲୋକଙ୍କଠାରେ ଦେଖିବାକୁ ମିଳୁଛି । ଏହାକୁ କ୍ରୋନିକ୍ ରେନାଲ ଫେଲ୍ୟୁର, କ୍ରୋନିକ୍ ରେନାଲ୍ ଡିଜିଜ୍ ଅବା କ୍ରୋନିକ୍ କିଡ୍‌ନୀ ଫେଲ୍ୟୁର ମଧ୍ୟ କୁହାଯାଇଥାଏ । ତେବେ ଏହି ଡିଜିଜ୍ ସମ୍ପୂର୍ଣ୍ଣ ଭାବେ ଶରୀରରେ କାୟା ବିସ୍ତାର କରିବା ପର୍ଯ୍ୟ' ଏହାକୁ ଚିହ୍ନଟ ଅବା ଜାଣିହୋଇ ପାରି ନ ଥାଏ । ଫଳରେ ଭାରତରେ ଏଭଳି ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ସଂଖ୍ୟା ବଢ଼ିବା ସହିତ ରୋଗୀଙ୍କ ସଂଖ୍ୟା ବି ବଢ଼ି ଚାଲିଛି । ଦି ଲାନ୍ସେଟ୍ ଗ୍ଲୋବାଲ ହେଲଥ୍ ରିପୋର୍ଟ ଅନୁସାରେ ଭାରତରେ କିଡ୍‌ନୀ ଫେଲ୍ୟୁର ସଂଖ୍ୟା ଅନ୍ୟ ବିକଶିତ ରାଷ୍ଟ୍ର ତୁଳନାରେ ବଢ଼ିବାରେ ଲାଗିଛି । ନୂତନ ପିଢ଼ିରଙ୍କଠାରେ କ୍ରୋନିକ୍ କିଡ୍‌ନୀ ଡିଜିଜ୍ ମୋଟ ଜନସଂଖ୍ୟାର ୮-୧୭ ପ୍ରତିଶତଙ୍କ ମଧ୍ୟରେ ଦେଖିବାକୁ ମିଳୁଛି । ଏଣ୍ଡ୍ ଷ୍ଟେଜ୍ କିଡ୍‌ନୀ ଫେଲ୍ୟୁର(ଇଏସ୍‌କେଏଫ୍) ପ୍ରାୟ ୧୦-୨୦ ପ୍ରତିଶତଙ୍କଠାରେ ଦେଖିବାକୁ ମିଳୁଛି । ଭାରତରେ କ୍ରୋନିକ୍ କିଡ୍‌ନୀ ଡିଜିଜ୍ ସ୍ଥଳ ବିଶେଷରେ ଏଣ୍ଡ୍ ଷ୍ଟେଜ୍ କିଡ୍‌ନୀ ଫେଲ୍ୟୁରରେ ପରିଣତ ହେଉଥିବା ଦେଖିବାକୁ ମିଳୁଛି । ପ୍ରତିବର୍ଷ ଭାରତରେ ପ୍ରାୟ ୨.୨ ଲକ୍ଷ ନୂଆ ଏଣ୍ଡ ଷ୍ଟେଜ୍ ରେନାଲ ଡିଜିଜ୍(ଇଏସ୍ଆରଡି) ରୋଗୀ ସୃଷ୍ଟି ହେଉଛି । ପ୍ରତିବର୍ଷ ୩.୪ କୋଟି ଡାଏଲିସିସ୍ ମଧ୍ୟ ହେଉଛି ।ଏସମ୍ପର୍କରେ କଟକ ଏସ୍‌ସିବି ମେଡ଼ିକାଲ କଲେଜର ମୁଖ୍ୟ ପ୍ରଫେସର ଡ. ଚିତରନ କର କୁହନ୍ତି, ଭାରତରେ କ୍ରୋନିକ୍ କିଡ୍‌ନୀ ଡିଜିଜ୍ ରୋଗୀଙ୍କ ବଢ଼ି ଚାଲିଛି । ତେବେ ଏହି କ୍ଷେତ୍ରରେ ପେରିଟୋନିଆଲ୍ ଡାଏଲିସିସ୍(ପିଡ଼ି) ସଫଳ ସମାଧାନ ଭାବେ ବେଶ୍ ପରିଚିତି ହାସଲ କରିପାରିଛି । ଏଥିରେ କମ୍ ରିସ୍କ ରହିଛି । ଏହା ଭଲ ଉପଚାର ଉପଲବ୍ଧ କରାଇବା ସହିତ ଏଥିରେ କମ୍ ଖର୍ଚ୍ଚ ମଧ୍ୟ ହୋଇଥାଏ । ଏହା ରୋଗୀଙ୍କୁ ନିଜ ଇଚ୍ଛା ଅନୁସାରେ ସ୍ୱାଧୀନ ଭାବେ ଏଭଳି କରିବାକୁ ସହାୟତା କରିଥାଏ । ପେରିଟୋନିଆଲ୍ ଡାଏଲିସିସ୍(ପିଡ଼ି) ଏକ ପ୍ରକାର ଷ୍ଟାଣ୍ଡାର୍ଡ ଡାଏଲିସିସ୍ ଥେରାପି । ଏହା ତଳିପେଟରେ ଥିବା ପେରିଟୋନିଅମ୍ ସହାୟତାରେ ରକ୍ତରେ ଥିବା ବିଭିନ୍ନ ଫ୍ଲୁଇଡ୍ ଏକ୍ସଚେ୍ କରିଥାଏ । ତଳିପେଟର ଚର୍ମରେ ଏକ କ୍ୟାଥେଟର ଲଗାଯାଇ ଶରୀରରେ ଥିବା ବର୍ଜ୍ୟ ପଦାର୍ଥର ସଫା ଏକ ଡାଏଲାଇସେଟ୍ ଦ୍ୱାରା କରାଯାଇଥାଏ । ଏକ ଟ୍ୟୁବ୍ ଦ୍ୱାରା ଏହା ତଳିପେଟରେ ଥିବା ବର୍ଜ୍ୟ ସଫା କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ଏହି ପ୍ରକ୍ରିୟାରେ ଶରୀର ମଧ୍ୟକୁ ରକ୍ତ ପ୍ରବେଶ କରାଯାଇ ନ ଥାଏ ।ଏ ସମ୍ପର୍କରେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲର ବରିଷ୍ଠ ନେଫ୍ରୋଲୋଜି କନସଲଟାଂଟ୍ ଡ. ବିବେକାନନ୍ଦ ପଣ୍ଡା କୁହନ୍ତି, ପେରିଟୋନିଆଲ୍ ଡାଏଲିସିସ୍ ଭାରତରେ କ୍ରୋନିକ୍ କିଡ୍‌ନୀ ସମସ୍ୟା ଭୋଗୁଥିବା ବହୁ ରୋଗୀଙ୍କ ଜୀବନଶୈଳୀ ସହିତ ଜଡ଼ିତ ହୋଇଯାଇଛି ।

## ମାତୃତ୍ୱ ଲାଭ କରିଥିବା ମହିଳାଙ୍କ ପାଇଁ ଶୀତକାଳୀନ ତ୍ୱଚାର ଯତ୍ନ

ଭୁବନେଶ୍ୱର: ନୂଆ କରି ମାତୃତ୍ୱ ଲାଭ କରିଥିବା ମହିଳାମାନଙ୍କ ପାଇଁ ଶୀତ ଦିନରେ ନିଜ ତ୍ୱଚାର ଉପଯୁକ୍ତ ଯତ୍ନ ନେବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । କାରଣ ଏହି ସମୟରେ ତ୍ୱଚାର ନମନୀୟତା କମ୍ ହେବା ଦ୍ୱାରା ଏହା ଅତ୍ୟଧିକ ଶୁଷ୍କ ଓ ତେଜହୀନ ହୋଇଯାଏ । ହିମାଳୟା ଡ୍ରଗ୍ କମ୍ପାନୀର ଆୟୁର୍ବେଦ ବିଶେଷଜ୍ଞ ଡଃ ସୁଭାଷିନୀ ଏନ୍ ଏସ୍ ନୂଆ କରି ମାତୃତ୍ୱ ଲାଭ କରିଥିବା ମହିଳାମାନଙ୍କୁ ନିଜ ତ୍ୱଚାକୁ ହାଇଡ୍ରେଟ୍ ଓ ମଏଶ୍ଚରାଇଜ୍ କରିବା ପାଇଁ ବ୍ୟବହାର କରୁଥିବା ଉତ୍ପାଦଗୁଡ଼ିକୁ ଯତ୍ନ ସହ ଚୟନ କରିବାକୁ ପରାମର୍ଶ ଦେଇଛନ୍ତି । ପ୍ରାକୃତିକ ଉପାଦାନରେ ନିର୍ମିତ ଓ କୌଣସି ପ୍ରକାରର ରସାୟନ ବ୍ୟବହାର ହୋଇନଥିବା ଉତ୍ପାଦଗୁଡ଼ିକୁ ଚୟନ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ ।ନିକଟରେ ମା' ହୋଇଥିବା ମହିଳାମାନଙ୍କ ସହ ସ୍ନାନ ଓ ସ୍ନାନ ପରର ରୁଟିନ୍ ସମ୍ପର୍କରେ ଆଲୋଚନା କରି ଡଃ ସୁଭାଷିନି କହିଛନ୍ତି ଯେ, 'ଭର୍ଜିନ୍ କୋକୋନଟ୍ ଅଏଲ୍, କୋକୋଆ, ମ୍ୟାଙ୍ଗୋ ବଟର୍ ଭଳି ଉପାଦାନ ଥିବା ମଏଶ୍ଚର-ରିଚ୍ କ୍ଲିନ୍‌ଜର ବ୍ୟବହାର କରିବା ଦ୍ୱାରା ତାହା ଶୁଷ୍କ ତ୍ୱଚାରୁ ମୁକ୍ତି ଦେଇଥାଏ । ଏଥିସହିତ ଅରୋମା ଥେରାପିଯୁକ୍ତ ସାବୁନର ବ୍ୟବହାର ମଧ୍ୟ ଉଭୟ ନୂଆ କରି ମାତୃତ୍ୱ ଲାଭ କରିଥିବା ଓ ଗର୍ଭବତୀ ମହିଳାମାନଙ୍କ ଶରୀର ପାଇଁ ଲାଭଦାୟକ ହୋଇଥାଏ । କୋକୋଆ ବଟର୍ ଓ ଗ୍ଲିସେରିନ୍‌ର ସୁଗୁଣରେ ଭରପୂର ଏକ ବଡି ବଟର୍ ମଧ୍ୟ ଲୋସନ୍ ତୁଳନାରେ ଅଧିକ ପ୍ରଭାବୀ ରୂପେ ତ୍ୱଚାକୁ ନରମ ଓ ହାଇଡ୍ରେଟ୍ କରିଥାଏ । ସତେଜ ସୁଗନ୍ଧଯୁକ୍ତ ବଡି ବଟରଗୁଡ଼ିକ ମାତୃତ୍ୱ ଲାଭ କରିଥିବା ମହିଳାମାନଙ୍କ ମସ୍ତିଷ୍କକୁ ଶାନ୍ତ, ତେଜମୟ ଓ ଅପ୍‌ଲିଫ୍ଟ ରଖିବାରେ ସହାୟକ ହୋଇଥାଏ । ଡଃ ସୁଭାଷିନି ଏହି ମହିଳାମାନଙ୍କୁ ମାଲିସ୍ ବା ମସାଜ୍ କରାଇବା ପାଇଁ ପରାମର୍ଶ ଦେଇଛନ୍ତି କାରଣ ଏହା ଗର୍ଭାବସ୍ଥା ପରେ ଶରୀରକୁ ପୁଣିଥରେ ସୁସ୍ଥ ହେବା, ଚାପ ଦୂର କରିବା ଓ ରକ୍ତ ସଂଚାଳନକୁ ତତ୍ପର କରିବା ପାଇଁ ଏକ ସିଦ୍ଧ ଉପାୟ ଅଟେ ।

## ନହରକଣ୍ଟାଠାରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟମିଶନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଉଦ୍‌ଘାଟିତ

ଭୁବନେଶ୍ୱର / ବାଲିଅନ୍ତା / ଫୁଲନଖରା / ବାରଙ୍ଗ: ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟମିଶନ ଯୋଜନାରେ ୮୯.୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଭୁବନେଶ୍ୱର ମହାନଗର ନିଗମର ୪ନମ୍ବର ୱାର୍ଡର ନହରକଣ୍ଟାଠାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ଆଜି ଅପରାହ୍ନରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳବାସୀଙ୍କ ସହିତ ପୂର୍ବତନ କର୍ପୋରେଟର ଶ୍ରୀମତୀ ଗାୟତ୍ରୀ ଲେଙ୍କା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଭାଷ ପାତ୍ର, ସମବାୟ ସଂଗଠକ ଅକ୍ଷୟ କୁମାର ଲେଙ୍କା, ବରିଷ୍ଠ ନାଗରିକ ପ୍ରଦୀପ୍ତ କୁମାର ଛୋଟରାୟ, ଇଂଜିନିୟର ବ୍ରଜବନ୍ଧୁ ପଣ୍ଡା, ଗୋଲକ ଚନ୍ଦ୍ର ଜେନା, ସମାଜସେବୀ ଲକ୍ଷ୍ମୀଧର ବେହେରା, ଶିବ ଛୋଟରାୟ, ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଦୀପକ କୁମାର ସାମନ୍ତରାୟ, ଦିପ୍ତିରଂଜନ ପଣ୍ଡା, ଚନ୍ଦ୍ରଶେଖର ଜେନା, ନିହାର ରଂଜନ ଶ୍ରୀଚନ୍ଦନ ରାୟ, ପ୍ରକାଶ ଜେନା, ସ୍ୱାକ୍ଷର ରଂଜନ ମହାନ୍ତି, ତପନ ସାହୁ, ସନ୍ତୋଷ କୁମାର ଜେନା, ଜଟାଧାରୀ ଭୋଇ, ମୁନ୍‌ସପ୍ ବେଗ୍ ପ୍ରମୁଖ ଉପସ୍ଥିତ ଥିଲେ । ଚାରି ମହଲାର ଭିତ୍ତିଭୂମି ସୃଷ୍ଟିର ପ୍ଲାନ୍ ଅନୁମୋଦନ ଥାଇ ୨୫୦୮ ବର୍ଗଫୁଟ ଆୟତନର ଦୁଇମହଲା ବିଶିଷ୍ଟ ନୂତନ ମେଡ଼ିକାଲ୍ ଗୃହ ଭୁବନେଶ୍ୱର ରାସ୍ତା, କୋଠାବାଡ଼ି ନିର୍ବାହୀ ଯନ୍ତ୍ରୀ ଏସ୍. ଓସାତୁଲ୍ଲା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମରେଶ ରାଉତରାୟ, ସହକାରୀ ଯନ୍ତ୍ରୀ ଅଶୋକ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ୨୨.୦୨.୨୦୧୭ରେ ଆରମ୍ଭ ହୋଇଥିବା ପ୍ରକଳ୍ପ ୧୫.୧୦.୨୦୧୯ରିଖରେ ପୂର୍ଣ୍ଣାଙ୍ଗ ହୋଇ ଆଜି ଲୋକାର୍ପଣ ହୋଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମେଡ଼ିକାଲ୍ ଅଫିସରଙ୍କ ତତ୍ତ୍ୱାବଧାନରେ ବର୍ହିବିଭାଗ ଚିକିତ୍ସା ସହିତ ସପ୍ତାହରେ ଦୁଇଦିନ ସ୍ତ୍ରୀ ଓ ପ୍ରସୂତିରୋଗ ବିଶେଷଜ୍ଞ ଓ ଦନ୍ତ ଚିକିତ୍ସକ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି । ଏଠାରେ ଜଣେ ଫାର୍ମାସିଷ୍ଟ, ପାଞ୍ଚ ଜଣ ଏ.ଏନ୍.ଏମ୍., ଜଣେ ଜି.ଏନ୍.ଏମ୍., ଓ ପାଞ୍ଚ ଜଣ ବିଭିନ୍ନ ବର୍ଗର କର୍ମଚାରୀ ନିୟୋଜିତ ଥାଇ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛନ୍ତି । ଏହି ହସ୍ପିଟାଲ୍ ଉପରେ ୪ ନମ୍ବର ୱାର୍ଡର ନୂଆପାଟଣା, ବଙ୍ଗୁଆରୀ, ହରିଦାସପୁର, ସୁନ୍ଦରାପାଟଣା, ରୁଦ୍ରପୁର, ନହରକଣ୍ଟା, ହଂସପାଳ, ସମେତ ଆଖପାଖ ଗ୍ରାମବାସୀ ଓ ନୂତନ ଭାବେ ଗଢ଼ିଉଠିଥିବା ଜନବସତି ସହିତ ୫, ୧୦ ଓ ୧୧ ନମ୍ବର ୱାର୍ଡର ବାସିନ୍ଦା ସ୍ୱାସ୍ଥ୍ୟ ସେବାର ସୁଯୋଗ ପାଇପାରୁଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଚକ୍ଷୁରୋଗ, ଭେଷଜ, ଶଲ୍ୟ, ଚର୍ମରୋଗ ବିଶେଷଜ୍ଞ ନିଯୁକ୍ତି ସହ ଏହାକୁ ୨୫ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ଅଞ୍ଚଳର ମୂଳବାସିନ୍ଦା ମାନ୍ୟବର ବିଧାୟକଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସଦୟ ଦୃଷ୍ଟି ଆକର୍ଷଣ କରିଥିଲେ ।

## ସରକାରଙ୍କର ଖେଲୋ ଇଣ୍ଡିଆ ପଦକ୍ଷେପ ଅନେକ ପିଲାଙ୍କୁ ଅନୁପ୍ରାଣିତ କରିପାରିଛି: ରାହି ସର୍ଣ୍ଣୋବତ

ଭୁବନେଶ୍ୱର: ଏସିଆନ ଗେମସ ଏବଂ କମନୱେଲଥ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ସୁଟର ରାହି ସର୍ଣ୍ଣୋବତ ବିଶ୍ୱାସ କରନ୍ତି ଯେ ଖେଲୋ ଇଣ୍ଡିଆ ଗେମ୍ସ ଦେଶରେ ଅନେକ ପିଲାଙ୍କୁ ଖେଳରେ ଅଂଶଗ୍ରହଣ କରିବା ପାଇଁ ଅନୁପ୍ରାଣିତ କରିଛି । ଖେଲୋ ଇଣ୍ଡିଆ ୟୁଥ ଗେମ୍ସର ତିନୋଟି ସଂସ୍କରଣ ମାଧ୍ୟମରେ ଭାରତ ସରକାର ଅନେକ ପ୍ରତିଭାଙ୍କୁ ଚିହ୍ନଟ କରିଛନ୍ତି । ଏଣୁ ସେମାନେ ଓଡ଼ିଶାରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ଉଦଘାଟନୀ ସଂସ୍କରଣର ଆୟୋଜନ କରିବାର ନିଷ୍ପତି ନେଇଛନ୍ତି ଯାହାକି ଆସନ୍ତା ଫେବୃଆରୀ ୨୨ରୁ ମାର୍ଚ୍ଚ୧ ପର୍ଯ୍ୟନ୍ତ ହେବ । 'ମୁଁ ବାସ୍ତବରେ ବେଶ ଆନନ୍ଦିତ ଯେ କେତେକ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ଖେଳରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରୁଛନ୍ତି ଏବଂ ଏକାଡ଼େମୀ ତୁଳନାରେ ଅନ୍ୟ ଜିନିଷ ଉପରେ ମଧ୍ୟ ବିଶେଷ ଧ୍ୟାନ ଦେଉଛନ୍ତି । ମୁଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସକୁ ପ୍ରଶଂସା କରୁଛି ।

## ଭାରତରେ ପଂଚ୍-ହୋଲ୍ କ୍ୟାମେରା ଯୁକ୍ତ ଓପୋ ରେନୋ୩ ପ୍ରୋର ଶୁଭାରମ୍ଭ

ଭୁବନେଶ୍ୱର: ଏକ ଅଗ୍ରଣୀ ଆନ୍ତର୍ଜାତୀୟ ପ୍ରିମିୟମ ସ୍ମାର୍ଟ ଡିଭାଇସ୍ ବ୍ରାଣ୍ଡ ଓପୋ ଏହାର ଲୋକପ୍ରିୟ ରେନୋ ୩ର ବିସ୍ତାର କରି ଭାରତରେ ନୂଆ ରେନୋ୩ ପ୍ରୋର ଉନ୍ମୋଚନ କରିଛି । ଏଥିରେ ବିଶ୍ୱର ପ୍ରଥମ ୪୪ଏମ୍‌ପି+୨ଏମ୍‌ପି ଡୁଆଲ ପଂଚ୍-ହୋଲ୍ କ୍ୟାମେରା ରହିଥିବା ବେଳେ ଏହା ନୂତନ କଲରଓଏସ୍୭ ଦ୍ୱାରା ପରିଚାଳିତ । ରେନୋ୩ ପ୍ରୋକୁ ଦୁନିଆକୁ ଏକ ନୂଆ ରୂପରେ କ୍ୟାପ୍‌ଚର ଓ ଅନୁଭବ କରିବା ନିମନ୍ତେ ଡିଜାଇନ୍ କରାଯାଇଛି । ଏକ ଆଦର୍ଶ ସାଥି ରୂପେ ଏହା ଏଭଳି ଫଟୋ କ୍ୟାପ୍‌ଚର କରିଥାଏ ଯାହା ୯କ୍ଲିୟର୍ ଇନ୍ ଏଭ୍ରିସଟ୍ ହୋଇଥାଏ । ଓପୋ ରେନୋ୩ ପ୍ରୋ ସ୍ମାର୍ଟଫୋନ୍ ଫଟୋଗ୍ରାଫିରେ ନୂଆ ବିବର୍ତ୍ତନ ଆଣିଛି ।ଶୁଭାରମ୍ଭ ଅବସରରେ ଓପୋ ଇଣ୍ଡିଆର ଅଧ୍ୟକ୍ଷ ଏଲ୍‌ଭିସ୍ ଝୋଉ କହିଛନ୍ତି ଯେ, 'ଗ୍ରାହକ-କୈନ୍ଦ୍ରିକ ଉଦ୍ଭାବନ ସବୁବେଳେ ଆମର ଉତ୍ପାଦ ରଣନୀତିର କେନ୍ଦ୍ରରେ ରହିଆସିଛି । ଏହି ପ୍ରୟାସକୁ ଜାରି ରଖିବା ସହ ଆମେ ଓପୋ ରେନୋ୩ ପ୍ରୋକୁ ଭାରତୀୟ ବଜାରକୁ ଆଣିବାକୁ ଖୁବ୍ ଉତ୍ସାହିତ ଅଛୁ ।'' ଶୁଭାରମ୍ଭ ସମ୍ପର୍କରେ ମତ ରଖି ଓପୋ ଇଣ୍ଡିଆର ଉତ୍ପାଦ ଓ ବିପଣନ ବିଭାଗ ଉପାଧ୍ୟକ୍ଷ ଶ୍ରୀ ସୁମିତ ୱାଲିଆ କହିଛନ୍ତି ଯେ, 'ଆମର ମିଲେନିଆଲ ଉପଭୋକ୍ତାଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଧ୍ୟାନରେ ରଖି ବିଶ୍ୱର ପ୍ରଥମ ୪୪ଏମ୍‌ପି+୨ଏମ୍‌ପି ଡୁଆଲ ପଂଚ୍-ହୋଲ୍ କ୍ୟାମେରା ସହ ରେନୋ୩ ପ୍ରୋକୁ ଶୁଭାରମ୍ଭ କରିବାକୁ ଉତ୍ସାହିତ ଅଛୁ ।'' ମିଡିଆଟେକ୍‌ର ୱାୟାରଲେସ୍ ବିଜ୍‌ନେସ୍ ୟୁନିଟ୍‌ର ଆସିଷ୍ଟାଂଟ୍ ଜେନେରାଲ ମ୍ୟାନେଜର ଡଃ ୟେଂଚି ଲି କହିଛନ୍ତି ଯେ, 'ଓପୋ ରେନୋ୩ ପ୍ରୋ ମିଡିଆଟେକ୍‌ର ହିଲିଓ ପି୯୫, ୪ଜି ସ୍ମାର୍ଟଫୋନ୍ ପାଇଁ ଆମର ଶକ୍ତିଶାଳୀ ଏଆଇ ପ୍ରୋସେସିଂ ଇନ୍ ସହ ଆମର ନୂତନ ହିଲିଓ ଚିପ୍‌ସେଟ୍ ଦ୍ୱାରା ପରିଚାଳିତ । ଏହା ଅତ୍ୟାଧୁନିକ ପୋର୍ଟ୍ରେଟ୍ ଫଟୋଗ୍ରାଫି, ଫାଷ୍ଟ ସିକ୍ୟୋର ଫେସିଆଲ ରେକଗ୍ନିସନ ଓ ଫୁଲ୍ ବଡି ମୁଭ୍‌ମେଂଟ୍ ଟ୍ରାକିଙ୍ଗ ଭଳି ଏଆଇ-କ୍ୟାମେରା ଫିଚର ସହ ଏକ ପ୍ରିମିୟମ ଫଟୋଗ୍ରାଫି ଅଭିଜ୍ଞତା ପ୍ରଦାନ କରିଥାଏ । ଆମର ଟେକ୍ନୋଲୋଜି ଓ ଓପୋର ନୂତନ ଡିଭାଇସ୍‌ଗୁଡିକ ସହ ଆମେ ପ୍ରିମିୟମ ସ୍ମାର୍ଟଫୋନ୍ ଫିଚର ଓ ଗ୍ରାହକ ଚାହୁଁଥିବା ଅନୁଭବ ସୃଷ୍ଟି କରିଛୁ ।'ନୂଆ ରେନୋ୩ ପ୍ରୋ ଆସ'। ମାର୍ଚ୍ଚ ୬ ତାରିଖରୁ ଦେଶର ସମସ୍ତ ଓପୋ ଷ୍ଟୋର ଓ ରିଟେଲ୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ ହେବ । ସେଲ୍‌ର ପ୍ରଥମ ୩ ଦିନରେ ଏହି ସ୍ମାର୍ଟଫୋନ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଡେବିଟ୍/କ୍ରେଡିଟ୍ କାର୍ଡ ଇଏମ୍ଆଇ ଓ ଉପଭୋକ୍ତା ଋଣ, ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ/ଡେବିଟ୍ କାର୍ଡ ଇଏମ୍ଆଇ, ଆରବିଏଲ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଇଏମ୍ଆଇ ଓ ୟେସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଇଏମ୍ଆଇ ଉପରେ ୧୦%ର କ୍ୟାସ୍‌ବ୍ୟାକ୍ ସହ ଅଫ୍‌ଲାଇନ୍‌ରେ ଉପଲବ୍ଧ ହେବ । ଅଫ୍‌ଲାଇନ୍‌ରେ ରେନୋ୩ ପ୍ରୋ କିଣୁଥିବା ଗ୍ରାହକ ସମ୍ପୂର୍ଣ୍ଣ ଡ୍ୟାମେଜ୍ ପ୍ରୋଟେକ୍ସନ ପାଇପାରିବେ ଏବଂ ୧୦୦୦ ଭାଗ୍ୟଶାଳୀ ଗ୍ରାହକ ଏନ୍‌କୋ ଫ୍ରି ଟୁ ୱାୟାରଲେସ୍ ହେଡ୍‌ଫୋନ୍ ପାଇବାର ସୁଯୋଗ ପାଇପାରିବେ । ମାର୍ଚ୍ଚ ୨ ତାରିଖରୁ ଗ୍ରାହକମାନେ ଏହି ସ୍ମାର୍ଟଫୋନ୍‌କୁ ୟେସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ ଓ ଡେବିଟ୍ କାର୍ଡ ଉପରେ ୧୦%ର ଇନ୍‌ଷ୍ଟାଂଟ୍ ବ୍ୟାଙ୍କ ରିହାତି ସହ ଅନ୍‌ଲାଇନ୍‌ରେ ପ୍ରି-ବୁକ୍ କରିପାରିବେ । ଏହି ସ୍ମାର୍ଟଫୋନ୍‌ର ୮+୧୨୮ ଜିବି ଭାରିଆଂଟ୍ ୨୯,୯୯୦ ଟଙ୍କାରେ ଓ ୮+୨୫୬ଜିବି ଭାରିଆଂଟ୍ ୩୨,୯୯୦ ଟଙ୍କାରେ ଉପଲବ୍ଧ ହେବ ।

## ଭୁବନେଶ୍ୱରରେ ଏୟାରଟେଲର ନେକ୍ସଟ-ଜେନ ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଟେଲିକମ୍ୟୁନିକେସନ ସେବା ପ୍ରଦାନକାରୀ ସଂସ୍ଥା ଭାରତୀ ଏୟାରଟେଲ (''ଏୟାରଟେଲ'') ପକ୍ଷରୁ ଓଡ଼ିଶାର ଭୂବନେଶ୍ୱରସ୍ଥିତ ଇନ୍ଦ୍ରଧନୁ ମାର୍କେଟ ଠାରେ ଏକ ନୂତନ ନେକ୍ସଟ-ଜେନ ଏୟାରଟେଲ ଷ୍ଟୋରର ଉଦ୍‌ଘାଟନର କରାଯାଇଛି । ଏୟାରଟେଲ ନେକ୍ସଟ-ଜେନ ଷ୍ଟୋର ଗ୍ରାହକମାନଙ୍କୁ ଏକ ସୁନ୍ଦର ଅନୁଭୂତି ଯୋଗାଇ ସେମାନଙ୍କ ସହିତ ନିଜର ପ୍ରତ୍ୟେକ ସାକ୍ଷାତକାରକୁ ଉତ୍କୃଷ୍ଟ କରିବା ନିମନ୍ତେ ଲକ୍ଷ୍ୟ ରଖିଛି । ଏହି ଏୟାରଟେଲ ନେକ୍ସଟ-ଜେନ ଷ୍ଟୋର ଦୀର୍ଘବ୍ୟାପୀ ଗ୍ରାହକ ସମ୍ପର୍କ ଉପରେ ଧ୍ୟାନକୈନ୍ଦ୍ରିକତା ସହିତ ଗ୍ରାହକ ଅନୁଭୂତି କ୍ଷେତ୍ରରେ ଏକ ନୂତନ ଛାପ ସୃଷ୍ଟି କରିଛି । ଇନ୍ଦ୍ରଧନୁ ମାର୍କେଟ ଠାରେ ଏହି ଫ୍ଲାଗସିପ ନେକ୍ସଟ-ଜେନ ଏୟାରଟେଲ ଷ୍ଟୋରର ଉନ୍ମୋଚନ ସହିତ ଏୟାରଟେଲ ପକ୍ଷରୁ ଓଡ଼ିଶାରେ ବର୍ତ୍ତମାନ ତିନୋଟି ଷ୍ଟୋର ରହିଛି (ଅନ୍ୟାନ୍ୟ ଷ୍ଟୋର ହେଉଛି ଭୁବନେଶ୍ୱରସ୍ଥିତ ସହିଦନଗର ଏବଂ ବ୍ରହ୍ମପୁରରେ) । ଆଗାମୀ ମାସଗୁଡ଼ିରେ ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ପ୍ରମୁଖ ସହରଗୁଡ଼ିକରେ ଏୟାରଟେଲ ଆହୁରି ଅଧିକ ନେକ୍ସଟ-ଜେନ ଷ୍ଟୋର ଖୋଲିବାର ଯୋଜନା ରଖିଛି । ଏହା ସମ୍ପର୍କରେ ଭାରତୀ ଏୟାରଟେଲ, କର୍ଣ୍ଣାଟକ ଏବଂ ଓଡ଼ିଶା-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁରେନ୍ଦ୍ରନ କହିଛନ୍ତି ଯେ, '' ଓଡ଼ିଶାରେ ଆମର ତୃତୀୟ ନେକ୍ସଟ-ଜେନ ଷ୍ଟୋର ଉନ୍ମୋଚନ କରି ଏବଂ ଆମର ଗ୍ରାହକମାନଙ୍କ ପାଇଁ ଉନ୍ନତ ମାନର ରିଟେଲ ଅନୁଭୂତି ନେଇ ଆଣି ଆମେ ବେଶ ଆନନ୍ଦିତ । ଏହି ନେକ୍ସଟ-ଜେନ ଫର୍ମାଟ ଜରିଆରେ ଏହି ସମ୍ପର୍କ ପାଇଁ ଆମେ ବିଶେଷ ଜ୍ଞାନ ଏବଂ କୌଶଳ ନେଇଆସିଥିବାବେଳେ ଅଭିନବତା ଓ ଉଲ୍ଲେଖନୀୟ ଗ୍ରାହକସେବା ଯୋଗାଇଦେବା ପାଇଁ ଆଶା ରଖିଛୁ ।''ଏହି ନେକ୍ସଟ-ଜେନ ଏୟାରଟେଲ ଷ୍ଟୋର ୟୁକେ ଆଧାରିତ ୮ ଇଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି । ଡିଜାଇନ ଦୃଷ୍ଟିରୁ ଏହି ଷ୍ଟୋରଗୁଡ଼ିକ ଖୋଲା ଓ ଅତି କ୍ଷୁଦ୍ର ହୋଇଥିବାବେଳେ ଏହା ଗ୍ରାହକ ଓ ବ୍ରାଣ୍ଡ ମଧ୍ୟରେ ଥିବା ସମସ୍ତ ବ୍ୟବଧାନକୁ ଦୂର କରିଦେଇଥାଏ । ଏହାବାଦ ଏହାର ସେୟାର, କ୍ରିଏଟ ଏବଂ ଏକ୍ସପିରିଏନ୍ସ ଚିନ୍ତାଧାରା ମାଧ୍ୟମରେ ଗ୍ରାହକଙ୍କ ଅନୁଭୂତିକୁ ଉନ୍ନତ ରୂପେ ସମର୍ଥ କରାଇବା ପାଇଁ ଉନ୍ନତ ତଥା ଆଧୁନିକ ଟେକ୍ନୋଲୋଜିର ବ୍ୟବହାର କରିଥାଏ । ଏୟାରଟେଲର କର୍ମଚାରୀମାନେ 'ଏୟାରଟେଲ ଫ୍ରେଣ୍ଡସ' ଭାବେ ପରିଚିତ ଯେଉଁମାନଙ୍କୁ ଏକ ଦକ୍ଷ ଏବଂ ଉତ୍ତମ ଅନୁଭୂତି ସେବା ଯୋଗଇଦେବା ନିମନ୍ତେ ସମର୍ଥ କରାଯାଇଥାଏ । ସମ୍ପୂର୍ଣ୍ଣ ରୂପେ ପେପରଲେସ ଏହି ଷ୍ଟୋର ଏହାର କଥୋପକଥନ ହବ୍ ପାଇଁ ଗର୍ବିତ ଯେଉଁଠାରେ ଏହାର ''ଏୟାରଟେଲ ଫ୍ରେଣ୍ଡ'' ଙ୍କ ସହିତ ଏୟାରଟେଲର ଗ୍ରାହକମାନେ ନିଜର ଯେକୌଣସି ପ୍ରଶ୍ନ ସମ୍ପର୍କରେ ଆରାମରେ କଥାହୋଇପାରିବେ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray